୬ ଟି-୨୦ ବିଶ୍ୱକପ୍‌ରୁ ବାହାରିଲା ଅଷ୍ଟ୍ରେଲିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୨୧ ● ୧୮ ଫେବୃଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -33 ● Issue-21 ● 18th February 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେଲା ବଜେଟ୍ ଅଧିବେଶନ : କକ୍ଷତ୍ୟାଗ କଲେ ବିରୋଧୀ

# ବିକଶିତ ଭାରତର ଗ୍ରୋଥ୍ ଇଞ୍ଜିନ ହେବ ଓଡ଼ିଶା

**ଭୁବନେଶ୍ୱର, ୧୭।୨**
**ନ୍ୟୁଜ୍ ବ୍ୟୁରୋ**

ସପ୍ତଦଶ ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ସରଗରମ ବାତାବରଣ ମଧ୍ୟରେ ମଙ୍ଗଳବାର ଆରମ୍ଭ ହୋଇଛି। ବିଧିବ୍ୟବସ୍ଥା ଅନୁସାରେ ଅଧିବେଶନର ପ୍ରଥମ ଦିନ ଗୃହକାର୍ଯ୍ୟ ପୂର୍ବାହ୍ନ ୧୧ ଟା ସମୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ଅଭିଭାଷଣରୁ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ଅନ୍ୟ ପ୍ରାୟ ସମସ୍ତ ବିଧାୟକ ଗୃହରେ ଉପସ୍ଥିତ ହୋଇଥିଲେ। ରାଜ୍ୟପାଳ ବିଧାନସଭା ଗୃହରେ ପହଞ୍ଚିବା ପରେ ପ୍ରଥମେ 'ବନ୍ଦେ ମାତରଂ' ଏବଂ ପରେ ପରେ 'ଜନଗଣ ମନ ଅଧି' ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହା ପରେ ରାଜ୍ୟପାଳ ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା କାର୍ଯ୍ୟକ୍ରମର ସଫଳତା ଏବଂ ଆଗାମୀ ଯୋଜନା ସମ୍ପର୍କରେ ବିସ୍ତୃତ ତଥ୍ୟ ସମ୍ବଳିତ ଅଭିଭାଷଣ ପ୍ରଦାନ କରିଥିଲେ।

ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ ବିକଶିତ ଭାରତର ଅଭିବୃଦ୍ଧି (ଗ୍ରୋଥ୍) ଇଞ୍ଜିନ୍ ହେବ ଓଡ଼ିଶା। ୨୦୪୭ ସୁଦ୍ଧା ମୁଣ୍ଡପିଛା ଆୟକୁ ୧.୮ ଲକ୍ଷ ଟଙ୍କାରୁ ୩୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜୀବନ ଧାରଣର ମାନକୁ ସୁଧାରିବା, ବହୁମୁଖୀ ଦାରିଦ୍ର୍ୟକୁ ୫ ପ୍ରତିଶତକୁ କମାଇବା ମହିଳା ଶ୍ରମଶକ୍ତି ଅଂଶଗ୍ରହଣକୁ ୭୦ ପ୍ରତିଶତକୁ ବୃଦ୍ଧି କରିବା, ଆୟୁସୀମାକୁ ୮୦ ବର୍ଷରୁ ଅଧିକ କରିବା, ରକ୍ତ ହୀନତା ଓ ପୌଷ୍ଟିକ ଅଭାବକୁ ନିରାକରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ମହିଳା ସଶକ୍ତିକରଣ, ସୁରକ୍ଷା ଓ ମର୍ଯ୍ୟାଦାକୁ ସୁଦୃଢ଼ କରିବା ପାଇଁ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ପ୍ରମୁଖ ମହିଳା କଲ୍ୟାଣ କାର୍ଯ୍ୟକ୍ରମ ସୁଭଦ୍ରା ଅଧୀନରେ ଏପର୍ଯ୍ୟନ୍ତ ୧.୧୨ କୋଟିରୁ ଅଧିକ ଆବେଦନ ଗ୍ରହଣ କରାଯାଇଛି ଏବଂ ୩ଟି କିସ୍ତିରେ ୧ କୋଟିରୁ ଅଧିକ ହିତାଧିକାରୀଙ୍କୁ ସୁଭଦ୍ରା ସହାୟତା ରାଶି ବାବଦରେ ୧୫ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ରାଜ୍ୟପାଳ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାର ନିରନ୍ତର ଓ ସକ୍ରିୟ କାର୍ଯ୍ୟକ୍ରମ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ବାମପନ୍ଥୀ ଉଗ୍ରବାଦ ବିରୋଧୀ ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଥିବା ଉଲ୍ଲେଖ କରିବା ସହ ଗତ ୫ବର୍ଷ ମଧ୍ୟରେ ୪୮ଜଣ ମାଓବାଦୀ ନିହତ ହୋଇଥିବା ବେଳେ ୭୮ଜଣଙ୍କୁ ଗିରଫ କରାଯାଇଛି



ଏବଂ ୮୨ଜଣ ଆତ୍ମ ସମର୍ପଣ କରିଛନ୍ତି ବୋଲି କହିଥିଲେ। ବିଶେଷକରି ୨୦୨୫ ମସିହାରେ ୨୫ଜଣ ମାଓବାଦୀ କ୍ୟାଡ଼ରଙ୍କୁ ନିପାତ କରାଯାଇଛି। ସେହିପରି ସରକାର ଓଡ଼ିଶା ପୁଲିସ୍‌କୁ ସୁଦୃଢ଼ କରିବା ପାଇଁ ୨୦୨୪ ଜୁଲାଇରୁ ୨୦୨୫ ମସିହା ଡିସେମ୍ବର ୩୧ ମଧ୍ୟରେ ତିନୋଟି ଓଡ଼ିଶା ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ବଟାଲିୟନ, ତିନୋଟି ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ, ୧୦ଟି ନୂଆ ଓଡ୍ରାଫ୍ଟ ୟୁନିଟ୍, ଗୋଟିଏ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ଶାଖା, ଚଣ୍ଡିଖୋଲରେ ଏକ ଏସ୍‌ଡିପିଓ କାର୍ଯ୍ୟାଳୟ, ୨୧ଟି ସାଇବର ଓ ଅର୍ଥନୈତିକ ଅପରାଧ ପୁଲିସ୍ ଷ୍ଟେସନ ଏବଂ ରାଇରଙ୍ଗପୁରରେ ଏକ ନୂତନ ପୁଲିସ୍ ଜିଲ୍ଲା ସୃଷ୍ଟି କରି ଏକ ବଡ଼ ସାଂଗଠନିକ (ପୃଷ୍ଠା ୭ରେ)

## କାହ୍ନୁଚରଣ ଲେଙ୍କାଙ୍କ ସମେତ ୪ ପୂର୍ବତନ ବିଧାୟକଙ୍କ ବିୟୋଗରେ ବିଧାନସଭାରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୧୭।୨**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବତନ କେନ୍ଦ୍ରମନ୍ତ୍ରୀ କହ୍ନୁଚରଣ ଲେଙ୍କା, ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, କୁଳମଣି ରାଉତ, ସଞ୍ଜିତା ମହାନ୍ତି ଏବଂ ଡା ରାସେଶ୍ୱରୀ ପାଣିଗ୍ରାହୀଙ୍କ ବିୟୋଗରେ ମଙ୍ଗଳବାର ବିଧାନସଭାରେ ଗଭୀର ଶୋକ ପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅଧିବେଶନର ପ୍ରଥମ ଦିନରେ ରାଜ୍ୟପାଳଙ୍କ ଅଭିଭାଷଣ ପରେ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁଚରଣ ଲେଙ୍କା ଓ ଅନ୍ୟ ଚାରି ପୂର୍ବତନ ବିଧାୟକ ଓ ବିଧାୟିକାଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିବା ସହ ସେମାନଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ (ପୃଷ୍ଠା ୭ରେ)

# ଫ୍ରାନ୍ସ ସହିତ ହେଲିକପ୍ଟର ନିର୍ମାଣ କରିବ ଭାରତ



**ନୂଆଦିଲ୍ଲୀ, ୧୭।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ସାକ୍ଷାତ ପରେ ଏକ ବଡ଼ ଘୋଷଣା କରିଛନ୍ତି। ଭାରତ ଏବଂ ଫ୍ରାନ୍ସ ମିଳିତ ଭାବରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତାକୁ ଉଡ଼ିପାରିବା ପାଇଁ ସକ୍ଷମ ଏକ ହେଲିକପ୍ଟର ବିକଶିତ କରିବେ। ଏହା ବିଶ୍ୱର ଏକମାତ୍ର ହେଲିକପ୍ଟର ହେବ ଯାହା ଭାରତରେ ନିର୍ମିତ ହେବ ଏବଂ ତା'ପରେ ବିଶ୍ୱ ସ୍ତରରେ ରପ୍ତାନି କରାଯିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ସମ୍ପର୍କ ବହୁତ ସ୍ୱତନ୍ତ୍ର ଏବଂ ଦୁଇ ଦେଶ ଏବେ ସେମାନଙ୍କର ରଣନୈତିକ ସହଭାଗିତାକୁ 'ବିଶେଷ ବିଶ୍ୱ ରଣନୈତିକ ସହଭାଗିତା'କୁ ଉନ୍ନୀତ କରିବେ।

୨୦୨୬ ବର୍ଷକୁ ଭାରତ-ୟୁରୋପ ସମ୍ପର୍କରେ ଏକ ପରିବର୍ତ୍ତନ ବିନ୍ଦୁ ଭାବରେ ବର୍ଣ୍ଣନା କରାଯାଇଛି। ଭାରତ ସମ୍ପ୍ରତି ୟୁରୋପୀୟ ସଂଘ ସହିତ ଇତିହାସର ସର୍ବବୃହତ ଏବଂ ସବୁଠାରୁ ମହତ୍ୱାକାଂକ୍ଷୀ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ନିବେଶ ଓ ବାଣିଜ୍ୟକୁ ଅଭୂତପୂର୍ବ ପ୍ରେରଣା ପ୍ରଦାନ କରିବ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସୂଚନା ଅନୁଯାୟୀ, ଫ୍ରାନ୍ସ ହେଉଛି ୟୁରୋପର ପ୍ରବେଶ ଦ୍ୱାର, ଏବଂ ଦୁଇ ଦେଶ ମଧ୍ୟରେ ସହଯୋଗର କୌଣସି ସୀମା ନାହିଁ। ବର୍ତ୍ତମାନ ଏହି ରଣନୈତିକ ସହଭାଗିତାକୁ 'ଜନଗଣଙ୍କ ସହଭାଗୀତା'ରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି, ଯାହା ଦ୍ୱାରା ସାଧାରଣ ଲୋକମାନେ ସିଧାସଳଖ ଏଥିରୁ ଲାଭ ପାଇପାରିବେ।

ଭବିଷ୍ୟତର ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ଉଭୟ ଦେଶ ମିଳିତ ଭାବରେ ଅନେକ ନୂତନ ପ୍ଲାଟଫର୍ମ ଆରମ୍ଭ କରିଛନ୍ତି। ଏଥିରେ ସ୍ୱାସ୍ଥ୍ୟସେବାରେ ଇଣ୍ଡୋ-ଫ୍ରାନ୍ସ ସେଣ୍ଟର ଫର ଏଆଇ ଏବଂ ଡିଜିଟାଲ ସାଇନ୍ସ ଏବଂ ଏରୋନେଟିକ୍ସରେ (ପୃଷ୍ଠା ୭ରେ)

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

**ସୁକମା, ୧୭।୨**

ଛତିଶଗଡର ନକ୍ସଲ ପ୍ରଭାବିତ ସୁକମା ଜିଲ୍ଲାରେ ମଙ୍ଗଳବାର ୨୨ ଜଣ ସକ୍ରିୟ ମାଓବାଦୀ ସରକାରଙ୍କ ପୁନର୍ବାସ ଓ ଆତ୍ମସମର୍ପଣ ନୀତି ଅନୁସାରେ ଆତ୍ମସମର୍ପଣ କରିଛନ୍ତି। ଏହି ସୂଚନା ଅତିରିକ୍ତ ଏସ୍‌ପି (ନକ୍ସଲ ଅପରେସନ୍) ରୋହିତ ଶାହ ଦେଇଛନ୍ତି। ସମସ୍ତ ମାଓବାଦୀମାନେ ସୁକମାର ପୁଲିସ୍ ଅଧୀକ୍ଷକ କାର୍ଯ୍ୟାଳୟରେ ବରିଷ୍ଠ ପୁଲିସ୍ ଅଧିକାରୀ ଏବଂ ସିଆରପିଏଫର ଅଧିକାରୀମାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ ଗୋଟିଏ ମହିଳା ମାଓବାଦୀ ମଧ୍ୟ ଅଛନ୍ତି, ଯିଏ ଦୀର୍ଘ ସମୟ ଧରି ସଂଗଠନ ସହିତ ଜଡିତ ଥିଲେ।

## ୨ ବର୍ଷରେ ଏଆଇ ଷ୍ଟ୍ୟାକ୍‌ରେ ୨୦୦ବିଲିୟନ ଡଲାର ନିବେଶ

**ନୂଆଦିଲ୍ଲୀ, ୧୭।୨**

କେନ୍ଦ୍ରୀୟ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍'ରେ କହିଛନ୍ତି ଯେ ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତରେ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଷେତ୍ରର ପାଞ୍ଚଟି କ୍ଷେତ୍ର (ଏଆଇ ଷ୍ଟ୍ୟାକ୍) ମଧ୍ୟରେ ୨୦୦ ଅରବ ଆମେରିକୀୟ ଡଲାରରୁ ଅଧିକ ନିବେଶ ଆସିବାର ଆଶା ରହିଛି। ରିସ୍କ କ୍ୟାପିଟାଲ୍ କମ୍ପାନୀମାନେ ଗଭୀର ପ୍ରଯୁକ୍ତି ଷ୍ଟାର୍ଟଅପ୍, ବଡ଼ ସମାଧାନ ଓ ଆପ୍ଲିକେସନ୍, ଅତ୍ୟାଧୁନିକ ମଡେଲ୍‌ରେ ଗବେଷଣା ଏବଂ ଆଧାରଭୂମି ଓ ଉର୍ଜା କ୍ଷେତ୍ରରେ ନିବେଶ କରୁଛନ୍ତି। ଏହି




ଅବସରରେ କେନ୍ଦ୍ରୀୟ ବାଣିଜ୍ୟ ଓ ଶିଳ୍ପ ରାଜ୍ୟମନ୍ତ୍ରୀ ଜିତନ ପ୍ରସାଦ ମଧ୍ୟ ଉପସ୍ଥିତ ଥିଲେ।

ଶ୍ରୀ ବୈଷ୍ଣବ ଏଠାରେ ଭାରତ ମଣ୍ଡପମରେ ଏକ ଅଧିବେଶନରେ କହିଥିଲେ ଯେ ଭାରତର ଏକ ବଡ଼ ଶକ୍ତି ହେଲା ଦେଶର ୫୧ ଶତାଂଶ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ସ୍ୱଚ୍ଛ ଉର୍ଜା ସ୍ରୋତରୁ ଆସୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶିତା ଓ ସ୍ୱଚ୍ଛ ଉର୍ଜା ପ୍ରତି ପ୍ରତିବଦ୍ଧତା ଦ୍ୱାରା ଏହା (ପୃଷ୍ଠା ୭ରେ)

## ବାଂଲାଦେଶ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

**ଢାକା, ୧୭।୨**

ମଙ୍ଗଳବାର ଦିନ ବାଂଲାଦେଶରେ ତାରିକ ରହମାନଙ୍କ ନେତୃତ୍ୱାଧୀନ ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଯୋଗ ଦେଇଥିଲେ। ଭାରତୀୟ ପ୍ରତିନିଧିମଣ୍ଡଳ ସହିତ ବାଂଲାଦେଶରେ ପହଞ୍ଚିଥିବା ବିର୍ଲା ଶପଥ ଗ୍ରହଣ ସମାରୋହ ପରେ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଏବଂ ତାଙ୍କ ପତ୍ନୀଙ୍କୁ ମଧ୍ୟ ଭେଟିଥିଲେ। ବୈଦେଶିକ ସଚିବ ବିକ୍ରମ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ। ବିର୍ଲା ଇନଷ୍ଟାଗ୍ରାମରେ ଲେଖିଛନ୍ତି ଯେ ଢାକାରେ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ନେତୃତ୍ୱାଧୀନ ନୂତନ ସରକାରଙ୍କ



ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇ ସେ ଆନନ୍ଦିତ। ସେ ଏକ ଗଣତାନ୍ତ୍ରିକ, ପ୍ରଗତିଶୀଳ ଏବଂ ଅନ୍ତର୍ଭୁକ୍ତ ରାଷ୍ଟ୍ର ଗଠନ ପାଇଁ ବାଂଲାଦେଶର ପ୍ରୟାସକୁ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ସମୁଦ୍ର ସୀମାରୁ ୨୦୩ କିଲୋଗ୍ରାମ କ୍ରିଷ୍ଟଲାଇନ ଜବତ କଲା ଆଇସିଜି ଓ ଗୁଜରାଟ ଏଟିଏସ।
- କୋଲକାତାରେ ବେଆଇନ ଭାବେ ରହୁଥିବା ଆୱାମୀ ଲିଗ୍‌ର ୬ ବାଂଲାଦେଶୀ ନାଗରିକ ଗିରଫ।
- ସିବିଏସଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଆରମ୍ଭ।
- ଇଣ୍ଡିଆ ଇମ୍ପାକ୍ଟ ଏଆଇ ସମ୍ମିଳନୀ: ଓଡ଼ିଶା ପାଭିଲିୟନରେ ଆକର୍ଷଣ ସାଜିଛି କୋଣାର୍କ ଚକ୍ର।

## ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଚୂଡାନ୍ତ ୩୦୮୨ ସେଣ୍ଟର ଜଗିବ ସିସିଟିଭି

**କଟକ, ୧୭।୨ : ନ୍ୟୁଜ୍ ବ୍ୟୁରୋ**

ମାତ୍ର ଦିନକ ପରେ ମାଟ୍ରିକ୍ ପରୀକ୍ଷା। ବୋର୍ଡ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ମାଟ୍ରିକ୍ ପରୀକ୍ଷା ପାଇଁ ପ୍ରସ୍ତୁତିକୁ ନେଇ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି। ବୋର୍ଡ ସଭାପତିଙ୍କ ସୂଚନା ଅନୁସାରେ, ମୋଟ୍ ୩୦୮୨ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। କପି କରୁଥିବା ଛାତ୍ରଛାତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କପି ଯୋଗାଇଲେ କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୋର୍ଡ ସଭାପତି କହିଛନ୍ତି। ସେହିଭଳି ଜରୁରୀକାଳୀନ ପରିସ୍ଥିତି ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପାଇଁ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯାଇଛି। ସକାଳ ୯ଟା ୩୦ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରରେ (ପୃଷ୍ଠା ୭ରେ)

## ଦେଶରେ ଘୃଣ୍ୟ ଭାଷଣର ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ

**ନୂଆଦିଲ୍ଲୀ, ୧୭।୨**

ଉଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଲୋକଙ୍କ ଦ୍ୱାରା ଘୃଣ୍ୟ ଭାଷଣ ବୟାନ ବିରୋଧରେ ଦାୟର ଆବେଦନକୁ ସୁପ୍ରିମକୋର୍ଟ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ନିର୍ଦ୍ଦେଶିତ ଭାବରେ ବର୍ଣ୍ଣନା କରିଛନ୍ତି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀଙ୍କୁ ରାଜନୀତିରୁ ଆଗକୁ ଯାଇ ଆବେଦନ ଦାଖଲ କରିବାକୁ କହିଛନ୍ତି। କୋର୍ଟ କହିଛନ୍ତି ଯେ ଘୃଣା ଚିନ୍ତାଧାରାରୁ ଆରମ୍ଭ ହୁଏ ଏବଂ ଆମକୁ



ସମ୍ବିଧାନ ବିରୋଧୀ ଚିନ୍ତାଧାରା ଦୂର କରିବାକୁ ପଡ଼ିବ।

ଲକ୍ଷ୍ନୌର ସାମାଜିକ କର୍ମୀ ରୂପରେଖା ବର୍ମାଙ୍କ ସମେତ ୧୨ ଜଣଙ୍କ ଦ୍ୱାରା ଦାୟର ଆବେଦନରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ଅଜିତ ଡୋଭାଲଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ଉଦ୍ଧୃତ କରାଯାଇଛି। କୋର୍ଟ କହିଛନ୍ତି ଯେ ଏହା କୌଣସି ଏକକ ରାଜନୈତିକ ଦଳ କିମ୍ବା ବ୍ୟକ୍ତିଙ୍କୁ ଟାର୍ଗେଟ କରି ଆବେଦନଗୁଡ଼ିକୁ ଗ୍ରହଣ କରିପାରିବ ନାହିଁ, କିନ୍ତୁ ଘୃଣ୍ୟ ଭାଷଣର ପ୍ରସଙ୍ଗ ଅତ୍ୟନ୍ତ ସମ୍ବେଦନଶୀଳ ଏବଂ ଗମ୍ଭୀର।

ଶୁଣାଣି ସମୟରେ, କୋର୍ଟ କହିଥିଲେ ଯେ ରାଜନୈତିକ (ପୃଷ୍ଠା ୭ରେ)

## ମାର୍ଚ୍ଚ ୭ରେ ଓଡ଼ିଶା ଆସିବେ ଅମିତ ଶାହ

**ଭୁବନେଶ୍ୱର, ୧୭।୨**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆସନ୍ତା ମାର୍ଚ୍ଚ ୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଏକଦିବସୀୟ ଗସ୍ତ କାଳରେ ସେ କଟକ ଜିଲ୍ଲା ମୁଣ୍ଡଳୀସ୍ଥିତ କେନ୍ଦ୍ରୀୟ ସଂରକ୍ଷିତ ପୋଲିସ ବଳ କ୍ୟାମ୍ପସରେ ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ।

ମୁଣ୍ଡଳୀ ସିଆରପିଏଫ ପ୍ୟାରେଡ୍ ଗ୍ରାଉଣ୍ଡରେ ଆୟୋଜିତ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପରୀକ୍ଷା ଋତୁ ଚାଲିଛି ଏଇନା
ପଢ ଦେଇ ପିଲେ ମନ
ବିଦ୍ୟା ଅଟଇ ଅସଲି ବନ୍ଧୁ
ବିଦ୍ୟା ଅଟେ ମହାଧନ
ନେବ ନାହିଁ ଟେନେସନ
ଚିନ୍ତାରେ ପଡିକି ବାଟ ହୁଡିବନି
ସବୁ ପ୍ରଶ୍ନେ ଅଛି ସମାଧାନ ।

# ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ରାଜିନାମା




**ନୂଆଦିଲ୍ଲୀ, ୧୭।୨**

ଭାରତ ଓ ଆମେରିକା ମଧ୍ୟରେ ନିକଟରେ ଅନ୍ତରୀଣ ବାଣିଜ୍ୟ ରାଜିନାମା ଢାଞ୍ଚା ଘୋଷଣା ହୋଇଛି। ଆସନ୍ତାମାସରେ ଏହି ରାଜିନାମା ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଭାରତର ପ୍ରତିନିଧି ମଣ୍ଡଳୀ ଆସନ୍ତା ସପ୍ତାହରେ ୱାଶିଂଟନ ଗସ୍ତରେ ଯିବେ। ସେମାନେ ରାଜିନାମା ସଂକ୍ରାନ୍ତ ଆଇନଗତ ଦସ୍ତାବିଜକୁ ଚୂଡ଼ାନ୍ତ ରୂପ ଦେବେ। ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ଭାରତୀୟ ଅଧିକାରୀମାନଙ୍କ ଗସ୍ତ ଫେବ୍ରୁଆରୀ ୨୩ ତାରିଖରୁ ଆରମ୍ଭ ହେବାର ସମ୍ଭାବନା ରହିଛି।

ଭାରତର ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦର୍ପଣ ଜୈନ ଭାରତୀୟ ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ନେବେ। ମାର୍ଚ୍ଚରେ ରାଜିନାମା ଚୂଡ଼ାନ୍ତ ହେବା ସହ ଦସ୍ତଖତ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ ଏ ନେଇ କୌଣସି ସମୟସୀମା ରଖାଯାଇ ନାହିଁ। ଆଇନଗତ ରାଜିନାମାରେ କେତେକ ଜଟିଳ ବିଷୟ ଆସିପାରେ। ତାହାକୁ ଉଭୟ ପକ୍ଷଙ୍କୁ ସମାଧାନ କରିବାକୁ ପଡ଼ିବ ବୋଲି ଶ୍ରୀ ଅଗ୍ରୱାଲ କହିଛନ୍ତି। ଅନ୍ତରୀଣ ବାଣିଜ୍ୟ ରାଜିନାମା ଅଧୀନରେ ଉଭୟ ପକ୍ଷ ପରସ୍ପରକୁ ଅନେକଗୁଡ଼ିଏ ସାମଗ୍ରୀ ଉପରେ ଶୁଳ୍କ ରିହାତି ପ୍ରଦାନ କରିବେ।

# ଆଉ ୨ଦିନ କଲବଲ କରିବ କୁହୁଡ଼ି

**ଭୁବନେଶ୍ୱର, ୧୭।୨**
**ନ୍ୟୁଜ୍ ବ୍ୟୁରୋ**

ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଏକ ବଡ଼ ସୂଚନା ଜାରି କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଉ ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ୧୭ଟି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି।

ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁର, କଟକ, ବାଲେଶ୍ୱର, ନୟାଗଡ଼, ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କଳାହାଣ୍ଡି, କୋରାପୁଟ, କନ୍ଧମାଳ, ରାୟଗଡ଼ା, ଅନୁଗୁଳ, ଢେଙ୍କାନାଳ ଜିଲ୍ଲାରେ ୨ ଦିନ



କୁହୁଡ଼ି ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଏପରିକି ସତର୍କତାର ସହ ଗାଡି ଚଳାଚଳ କରିବାକୁ କୁହାଯାଇଛି। ସୂଚନା ଯୋଗ୍ୟ ମଙ୍ଗଳବାର ସକାଳେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନ କୁହୁଡି ହୋଇଥିଲା।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ଫେବୃୟାରୀ ୨୦୨୬ ବୁଧବାର







# ପୁଲୱାମା ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପୁଲୱାମା ଠାରେ ୨୦୧୯ ମସିହା ୧୪ ଫେବୃୟାରୀ ତାରିଖରେ ଘଟିଥିବା ନିର୍ମମ ଆତ୍ମଘାତୀ ଆକ୍ରମଣର ସ୍ମୃତିରେ ସମଗ୍ର ଦେଶ ଶ୍ରଦ୍ଧା ଓ ନମନରେ ନତ ହୋଇଛି। ଏହି ଆକ୍ରମଣରେ ୪୦ ଜଣ ବୀର ଯବାନ ଦେଶର ସୁରକ୍ଷା କରିବା ବେଳେ ସର୍ବୋଚ୍ଚ ବଳିଦାନ ଦେଇଥିଲେ। ଏହି ଦିନକୁ ଅବସର କରି ଦେଶର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ସଭା, ପ୍ରଦୀପ ପ୍ରଜ୍ଜ୍ୱଳନ କାର୍ଯ୍ୟକ୍ରମ ଓ ନିରବ ପ୍ରାର୍ଥନାର ଆୟୋଜନ କରାଯାଇଥିବା ବେଳେ ଗାଇସିଲେଟ ଯୁଥ୍ କ୍ଲବ ସଭାପତି ରଞ୍ଜନ କୁମାର ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଶହୀଦ ଛକ ଠାରେ ଦୀପ ପ୍ରଜ୍ଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୁଥ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝି, ଥାନାଧିକାରୀ ଏମ୍.ମିଞ୍ଜ, ସରପଞ୍ଚ ଶରତ କାଲୋ, ସଞ୍ଜୟ ପୁରୋହିତ, ସୁଶାନ୍ତ ପାଣିଗ୍ରାହୀ, ବରିଷ୍ଠ ନାଗରିକ ସଂଘର ସଭାପତି ରବିନ୍ଦ୍ର ପଣ୍ଡା, ବଣିକ ସଂଘର ସଭାପତି ଖିରେଶ୍ୱର ସେଠ, ସରୋଜ ପୁରୋହିତ, କଳଙ୍ଗାପାଲି ବଣିକ ସଂଘର ବୁଦ୍ଧଦେବ ପୁରୋହିତ, ଡୋଲାମଣୀ ସାହୁ ଓ ସଦସ୍ୟବୃନ୍ଦ, ଯୁଥ୍ କ୍ଲବ ସଦସ୍ୟ, ଆଥ୍ଲେଟିକ୍ସ୍ ଏସୋସିଏସନ୍ ସଭାପତି ପ୍ରକାଶ କଲେତ ଓ ସଦସ୍ୟ, ପୋଲିସ କର୍ମଚାରୀ, ତ୍ରିବିକ୍ରମ ପୁରୋହିତ, ନରେଶ ପାଣିଗ୍ରାହୀ, ତନ୍ମୟ ପୁରୋହିତ ଏବଂ ଅମରେଶ ପୁରୋହିତ ସହ ଅନେକ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତେ ଦେଶର ଏକତା, ଅଖଣ୍ଡତା ଓ ସାମ୍ପ୍ରଦାୟିକ ସମ୍ମିଳନ ରକ୍ଷା ପାଇଁ ସଂକଳ୍ପ ଗ୍ରହଣ କରିଥିବାବେଳେ ସେହି ବୀର ସନ୍ତାନମାନଙ୍କର ଅପରିମିତ ସାହସ ଓ କର୍ତ୍ତବ୍ୟନିଷ୍ଠା ଭାରତର ଇତିହାସରେ ସଦା ସ୍ୱର୍ଣ୍ଣାକ୍ଷରରେ ଲେଖାଯିବ। ଦେଶ ତାଙ୍କର ଋଣୀ ରହିବ। ସହିଦମାନଙ୍କ ପରିବାର ପ୍ରତି ସମଗ୍ର ଜାତି ଏକତା ଓ ସମବେଦନା ପ୍ରକାଶ କରିଛି। ବଳିଦାନର ଏହି ପବିତ୍ର ମାଟିରେ ଜନ୍ମ ନେଇ ଆମେ ଗର୍ବିତ। ସହିଦମାନଙ୍କ ସ୍ୱପ୍ନର ଭାରତ ଗଢ଼ିବା ହେଉଛି ଆମ ସତ୍ୟ ଶ୍ରଦ୍ଧାଞ୍ଜଳି ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଥିଲେ।

# ବୁଢ଼ାରଜା ଯୁବ ସମାଜସେବୀ ସଂଗଠନ ପକ୍ଷରୁ ୪୩ ୟୁନିଟ୍ ରକ୍ତ ସଂଗ୍ରହ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଫେବୃୟାରୀ ୧୪ରେ ବୁଢ଼ାରଜା ଯୁବ ସମାଜସେବୀ ସଂଗଠନ, ସୋନପୁର ଆନୁକୁଲ୍ୟରେ ୧୪ ତମ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ଏବଂ ଏହି ଶିବିରରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ଼ା. ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ ଏବଂ ସମ୍ମାନୀତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ପୌରାଧକ୍ଷ ତାମସି ତାମସ୍ମିତା ନାଏକ, ଉପ-ପୌରାଧକ୍ଷ ମଲ୍ଲିକା ଦାନୀ, କଳାପଥର ସମିତି ସଭ୍ୟ ତଥା ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଅରବିନ୍ଦ ବାରିକ, ସାଂସଦଙ୍କ ମନୋନୀତ ପ୍ରାର୍ଥୀ ସାନନ୍ଦ କୁମାର ମେହେର ଓ ସ୍ୱରୂପ ପାତ୍ର, ବିଶିଷ୍ଟ ସମାଜସେବୀ ତଥା ସୁବର୍ଣ୍ଣ ମଣିଷ ଶ୍ରୀବସ୍ତ ମଲ୍ଲିକ, ଶ୍ରୀକାନ୍ତ କୁମାର ମିଶ୍ର, ସୋମ୍ ପ୍ରକାଶ ରୋସନ କେଶରୀ ପଣ୍ଡା, ଶୁକ୍ଳାମ୍ବର ପାଣିଗ୍ରାହୀ, ପ୍ଲାବନ ମହାପାତ୍ର, ଜଗନ୍ନାଥ ତ୍ରିପାଠୀ, ସୌମ୍ୟ ରଞ୍ଜନ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରକୁ ଅନୁଷ୍ଠାନର ସଭାପତି ଦିବ୍ୟରଞ୍ଜନ ସାହୁ, ସମ୍ପାଦକ ଚିତ୍ତରଞ୍ଜନ ଭୋଇ, କୋଷାଧକ୍ଷ ସୂର୍ଯ୍ୟକାନ୍ତ ଦାସ ଓ ଅନୁଷ୍ଠାନର ସଦସ୍ୟ ଶିବଶଙ୍କର ନାଏକ, ସାଲବେଗ ନାଏକ, ସୈଲେନ୍ଦ୍ର ବାରିକ, ଅରବିନ୍ଦ ଝା, ସୂର୍ଯ୍ୟକାନ୍ତ ନାୟକ, ଅରୁଣ କୁମାର ମେହେର, ଦେବାଶିଷ ବାରିକ, ପ୍ରକାଶ ସିଂ, ବଳରାମ ସା, ରାଜକୁମାର ବାରିକ, ରାମଚନ୍ଦ୍ର ସ୍ୱାଇଁ, ତପନ ସାହୁ, ବାଦଲ ସାହୁ ଏବଂ ଅନୁଷ୍ଠାନର ସମସ୍ତ ସଦସ୍ୟ ଶିବିରର ସୁପରିଚାଳନା କରିଥିଲେ । ଉକ୍ତ ଦିନଟିକୁ ନିର୍ଭୟା ପାଇଁ ଉତ୍ସର୍ଗ କରାଯାଇ ୨୦୧୩ ମସିହା ଠାରୁ ଅନୁଷ୍ଠାନ ପକ୍ଷରୁ 'ନାରୀକୁ ସମ୍ମାନ ଦିବସ' ରୂପେ ପାଳନ କରାଯାଇ ରକ୍ତଦାନ ଶିବିର ଅୟୋଜନ କରାଯାଉଛି।

# ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡା ଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡୁଙ୍ଗୁରିପାଲି ବ୍ଲକର ଡୁଙ୍ଗୁରିପାଲି, ସହଲା, ଚିନାଯୁରି ଓ ଚେରୁପାଲି ଏହିପରି ୪ଟି କ୍ଲଷ୍ଟରର ୧୮୧ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୯୪ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ । ୧୬ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡାର ଅଧ୍ୟକ୍ଷ ହିମାଂଶୁ କୁଅଁର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ତ୍ରିଲୋଚନ ନେତ୍ରାଳୟ ବଲାଙ୍ଗିରର ଡାକ୍ତରଗଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଷ କିଶନ ତଥା RBSK ଡାକ୍ତର କ୍ଷମାନିଧି ସାହୁ ଓ ତାଙ୍କ ମେଡିକାଲ୍ ଟିମ୍ କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, CRCC ଦିଲ୍ଲୀପ କୁମାର ପାଧାନ, CRCC ପ୍ରବୀର ଭୋଇ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ ଓ ଲୋଚନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫଟାମୁଣ୍ଡାର ସମସ୍ତ ଶିକ୍ଷକ ଓ କର୍ମଚାରୀ, ଶିକ୍ଷକ ଦୀନବନ୍ଧୁ ବରିହା, ମନୋଜ ପଧାନ ପ୍ରଦୀପ ପଧାନ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ସଫଳ ହୋଇଥିଲା ।

## ଆଦର୍ଶ ବିଦ୍ୟାଳୟକୁ ଅନାଦର କରୁଛି ଶିକ୍ଷା ବିଭାଗ

# ରାଜ୍ୟ ପୁରସ୍କାର ପରୀକ୍ଷାରୁ ବଞ୍ଚିତ ଓଏଭି ମେଧାବୀ ଛାତ୍ରଛାତ୍ରୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଯୋଜନାକୁ ଜିଲ୍ଲାସ୍ତରରେ ଠିକ୍ ଭାବେ କାର୍ଯ୍ୟାନ୍ୱୟନ କରାଯାଉନଥିବା ଅଭିଯୋଗ ଜୋର୍ ଧରିଛି । ଶିକ୍ଷା ବିଭାଗର ଅବହେଳା ଓ ଅବ୍ୟବସ୍ଥା ଯୋଗୁଁ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ଯଥାଯଥ ଅଧିକାରରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲାରେ ମୋଟ୍ ୨୨ଟି ଆଦର୍ଶ ବିଦ୍ୟାଳୟ ଥିବା ସତ୍ତ୍ୱେ ମାତ୍ର ୩ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ୍-ଗାଇଡ୍ ୟୁନିଟ୍ କାର୍ଯ୍ୟରତ ରହିଛି । ଅନ୍ୟ ବିଦ୍ୟାଳୟ ଗୁଡ଼ିକରେ ଏହି ୟୁନିଟ୍ ଗଠନ ପାଇଁ ଅନାଗ୍ରହ ଦେଖାଯାଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି । ଫଳସ୍ୱରୂପ ଛାତ୍ରଛାତ୍ରୀଙ୍କ ଠାରେ ନେତୃତ୍ୱ, ଶୃଙ୍ଖଳା ଓ ସାମାଜିକ ସେବାଭଳି ଗୁଣର ଉନ୍ନତି ସୁଯୋଗରୁ ବଞ୍ଚିତ ହେଉଛନ୍ତି । ରାଜ୍ୟରେ ପୂର୍ବ ସରକାର ତଥା ନବୀନ ସରକାର ଅମଳରେ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକାରୀ ହୋଇଥିଲା । ଗତ ୨୦୧୬-୧୭ ଶିକ୍ଷାବର୍ଷରେ ନାମଲେଖା ଆରମ୍ଭ ହୋଇଥିଲା । ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ସହ ପାଠ୍ୟକ୍ରମ କାର୍ଯ୍ୟକଳାପରେ ସ୍କାଉଟ୍-ଗାଇଡ୍, ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନେତୃତ୍ୱ ଉନ୍ନତି କାର୍ଯ୍ୟ ନିମନ୍ତେ ନିଷ୍ପତି ହୋଇଥିଲା । ଏଠାରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ମିଳୁଥିଲେ ମଧ୍ୟ ଗଞ୍ଜାମ ଜିଲ୍ଲାର ଶତାଧିକ ମେଧାବୀ ଛାତ୍ରଛାତ୍ରୀ ସ୍କାଉଟ୍-ଗାଇଡ୍‌ରୁ ବଞ୍ଚିତ ରହିଥିବା ଜଣାପଡ଼ିଛି । ଜିଲ୍ଲାର ମୋଟ୍ ୨୨ଟି ବ୍ଲକ୍‌ରେ ଗୋଟିଏ ଲେଖାଏଁ ଆଦର୍ଶ ବିଦ୍ୟାଳୟ ରହିଛି । ସେଥିମଧ୍ୟରୁ ଚମାଖଣ୍ଡି, ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକ୍‌ରେ ରହିଥିବା ଆଦର୍ଶ ବିଦ୍ୟାଳୟରେ ସ୍କାଉଟ୍-ଗାଇଡ୍ ବ୍ୟବସ୍ଥା ରହିଛି । ଏହା ସହ ଶେରଗଡ଼ ଓ ରଙ୍ଗେଇଲୁଣ୍ଡା ବ୍ଲକ୍‌ରେ ରହିଥିବା ସ୍କାଉଟ୍-ଗାଇଡ୍‌ର ଶିକ୍ଷକ ବେସିକ୍ ଓ ଆଡ୍‌ଭାନ୍ସ କୋର୍ସ କରିଥିଲେ । କିନ୍ତୁ ଉକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଉକ୍ତ ବିଦ୍ୟାଳୟ ଗୁଡ଼ିକରେ ମଧ୍ୟ ସ୍କାଉଟ୍ ଓ ଗାଇଡ୍ କାର୍ଯ୍ୟ କରୁନି । ଏଭଳି ଭାବେ ଗଞ୍ଜାମ ଜିଲ୍ଲାରେ ମୋଟ୍ ୨୨ଟି ଆଦର୍ଶ ବିଦ୍ୟାଳୟ ରହିଥିବା ବେଳେ ମାତ୍ର ୩ଟି ବିଦ୍ୟାଳୟରେ ସ୍କାଉଟ୍-ଗାଇଡ୍ ବ୍ୟବସ୍ଥା ରହିଛି । ଅନ୍ୟ ୧୯ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ୍ ଓ ଗାଇଡ୍ ୟୁନିଟ୍ ନାହିଁ । ଫଳରେ ପ୍ରତିବର୍ଷ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ରାଜ୍ୟ ପୁରସ୍କାର ପରୀକ୍ଷାରେ ଅଂଶଗ୍ରହଣ କରିବା ଅଧିକାରରୁ ବଞ୍ଚିତ ରହୁଛନ୍ତି । ସ୍କାଉଟ୍-ଗାଇଡ୍‌ରେ ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କୁ ଯୁକ୍ତ ୨ ନାମଲେଖାରେ ଅତିରିକ୍ତ ୫ ପ୍ରତିଶତ ମାର୍କ ମିଳୁଥିବା ବେଳେ ରେଳ ବିଭାଗରେ ଚାକିରି ସମୟରେ ଅନୁକମ୍ପାରୁ ବଞ୍ଚିତ ହେଉଛନ୍ତି ବହୁ ଛାତ୍ରଛାତ୍ରୀ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ସ୍କାଉଟ୍ ଓ ଗାଇଡ୍ ଆଡ୍‌ଭାନ୍ସ ଟ୍ରେନିଂର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ ଜିଲ୍ଲାର ୧୯ଟି ଆଦର୍ଶ ବିଦ୍ୟାଳୟରେ ସ୍କାଉଟ୍ ଓ ଗାଇଡ୍ ୟୁନିଟ୍ ନଥିବା ଗଞ୍ଜାମ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗିରଥି ସ୍ୱାଇଁ ସ୍ୱୀକାର କରିଥିବା ବେଳେ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପକ୍ଷରୁ ବିଦ୍ୟାଳୟରେ ୟୁନିଟ୍ ଖୋଲିବା ନେଇ କୌଣସି ଲିଖିତ ଆବେଦନ କରାଯାଇନଥିବା କହିଛନ୍ତି । ସ୍କାଉଟ୍ ଓ ଗାଇଡ୍ ୟୁନିଟ୍ ଖୋଲିବା ନିମନ୍ତେ ଯଦି କୌଣସି ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଆବେଦନ କରାଯାଏ ତେବେ ତାହାକୁ ବିଚାରକୁ ନିଆଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି ।



# ବିଧାୟକଙ୍କ ଦ୍ୱାରା ୪ କୋଟି ଟଙ୍କା ରାସ୍ତାର ଶିଳାନ୍ୟାସ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚଉଦକୁଲାଟ ଠାରେ ଆରଡି ବିଭାଗର ଏକ ୪ କୋଟିର ରାସ୍ତାକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଶିଳାନ୍ୟାସ କରିଛନ୍ତି । ଚଉଦକୁଲାଟ ଗାନ୍ଧି ଛକ ଠାରୁ ବଳସାହି ଭାୟା ମୁସଲିମ୍ ବସ୍ତି, ବେହେରା ସାହି, ସେଠୀ ସାହି, ନିଳକଣ୍ଠା ଓ ଦେବଳା ରାସ୍ତାଟି ଅତି ଶୋଚନୀୟ ହୋଇପଡିଥିଲା । ବର୍ଷାଦିନେ ଏହି ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇଥିଲା । କେନ୍ଦ୍ରାପଡା ବିଧାୟକଙ୍କ ଉଦ୍ୟମରେ ଗ୍ରାମ୍ୟ ନିର୍ମାଣ ଡିଭିଜନ୍ (୧) ରାସ୍ତା ୩ କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ଓ ଡ୍ରେନ୍‌ଟି ନିର୍ମାଣ କରାଯିବ । ଏହି କାର୍ଯ୍ୟର ଶୁଭାରମ୍ଭ ବିଧାୟକଙ୍କ ଦ୍ୱାରା କରାଯାଇଛି । ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ସରପଞ୍ଚ ଉମାକାନ୍ତ ମଲିକ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାପାତ୍ର, ବିଜେଡ଼ି ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସମାଜସେବୀ ଇଂ ଦେବାଶିଷ ମହାନ୍ତି, ମହମ୍ମଦ ଇସାକ, ପୂର୍ବତନ ସରପଞ୍ଚ ରମେଶ ବାରିକ ପ୍ରମୁଖ ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଥିଲେ ।

# ଶତାୟୁ ଦମ୍ପତିଙ୍କ ନିବିଡ଼ ପ୍ରେମ ଅନ୍ୟମାନଙ୍କ ପାଇଁ ପାଲଟିଛି ଉଦାହରଣ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରେମମାନେ କେବଳ ଗୋଲାପ ଫୁଲ ନୁହେଁ । ପ୍ରେମମାନେ ହେଉଛି ଜନ୍ମଜନ୍ମର ସାଥୀ ହୋଇ ରହିବା, ଦୁଃଖରେ ହାତ ଧରିବା, ଆଉ ସୁଖେରେ ମୁହଁ ଭରି ହସିବା । ପ୍ରେମ ସପ୍ତାହରେ ଏମିତି ଏକ ବାସ୍ତବ ପ୍ରେମ କାହାଣୀ ଦେଖିବାକୁ ମିଳିଛି ଖଲ୍ଲିକୋଟ ବ୍ଲକ୍ ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ଶତାୟୁ ବୃଦ୍ଧା ଦମ୍ପତିଙ୍କ କ୍ଷେତ୍ରରେ । ପରିଣତ ବୟସରେ ମଧ୍ୟ କିଏ କାହା ହାତ ଛାଡ଼ିନାହାନ୍ତି । ଖୋଜାପଲ୍ଲୀ ଗ୍ରାମର ବୈଷ୍ଣବ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସମ୍ବାରୀ ପ୍ରଧାନ । ଦୁହିଁଙ୍କ ବୟସ ପାଖାପାଖି ୧୦୦ ବର୍ଷ ଅତିକ୍ରମ କଲାଣି। କାହିଁ କେଉଁ କାଳୁ ନୁହେଁ ବାଲ୍ୟ ବିବାହ କରିଥିଲେ । ଏବେ କିନ୍ତୁ ବୈଷ୍ଣବଙ୍କୁ ୧୨୫ ବର୍ଷ ବୟସ ହୋଇଥିବା ବେଳେ ସମ୍ବାରୀଙ୍କୁ ମଧ୍ୟ ୧୦୦ ବର୍ଷ ଟପିଲାଣି । କିନ୍ତୁ ଆଜି ଯାଏଁ କେହି କାହା ହାତ ଛାଡ଼ି ନାହାନ୍ତି । ବୟସର ଅପରାହ୍ନରେ ଦୁହିଁଙ୍କ ପ୍ରେମ କମିବା ବଦଳରେ ବଢ଼ିବାରେ ଲାଗିଛି । ଦୁହିଁଙ୍କର ନିଜର ବୋଲି ଘର ଖଣ୍ଡିଏ ନାହିଁ । ଖୋଜାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଝାଟିମାଟିର ଝୁମ୍ପୁଡି ଘର ପାଲଟିଛି ଏମାନଙ୍କ ପ୍ରେମର କୁଡ଼ିଆ । କିଛି ଦିନ ହେଲା ବୈଷ୍ଣବ ଆଉ ଚାଲି ପାରୁନାହାନ୍ତି । ବିଛଣାରେ ପଡ଼ି ରହିଛନ୍ତି । ଆଉ ସ୍ତ୍ରୀ ସମ୍ବାରୀ ଏହି ସମୟରେ ମଧ୍ୟ ସ୍ୱାମୀ ବୈଷ୍ଣବଙ୍କ ସେବା ଯତ୍ନରେ ଲାଗି ପଡ଼ିଛନ୍ତି । ଯାହା ସମ୍ବାରୀ ଓ ବୈଷ୍ଣବଙ୍କ ନିବିଡ଼ ଭଲ ପାଇବାକୁ ଦର୍ଶାଉଛି । ପ୍ରେମ ଦିବସରେ ବୈଷ୍ଣବ ସମ୍ବାରୀଙ୍କୁ ଗୋଲାପ ଫୁଲ ଦେଇଥିବା ବେଳେ ସ୍ତ୍ରୀ ସମ୍ବାରୀ ବିଛଣାରେ ଶଯ୍ୟାଶାୟୀ ଥିବା ସ୍ୱାମୀଙ୍କ ମୁଣ୍ଡ ଆଉଁସି ଦେଉଥିବା ଦୃଶ୍ୟ ଉପସ୍ଥିତଥିବା ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା । ଦିନକୁ ଦିନ ପ୍ରେମ ବଦନାମ ହେଉଥିବା ବେଳେ କେତେବେଳେ ପ୍ରେମିକ ପ୍ରେମିକାକୁ ହତ୍ୟା କରୁଛି ତ କେତେବେଳେ ପ୍ରେମିକା ପ୍ରେମିକକୁ ହତ୍ୟା କରୁଛି । ସେପଟେ ବିବାହିତ ମହିଳା ମଧ୍ୟ ସମୟ ଅନୁସାରେ ସ୍ୱାମୀ ସହିତ ସମ୍ପର୍କ ଭାଙ୍ଗୁନଥିବାର ଦେଖିବାକୁ ମିଳୁଛି । କିନ୍ତୁ ପ୍ରେମ ଆଉ ଗଭୀର ସମ୍ପର୍କ ଏହି ଦୁଇ ଶତାୟୁ ଦମ୍ପତିଙ୍କ ମଧ୍ୟରେ ଆଜି ମଧ୍ୟ ନିବିଡ଼ ହୋଇରହିଛି । ବାଲ୍ୟ କାଳରୁ ଆଜି ପର୍ଯ୍ୟନ୍ତ ଦୁଇ ଜଣ ଏକ ମନ ଏକ ପ୍ରାଣ ହୋଇ ଚଲି ଆସୁଛନ୍ତି । କିନ୍ତୁ ଆଜିକାଲି ପ୍ରେମ ସପ୍ତାହରେ ତିଆରି ହେଉଥିବା ପ୍ରେମ କେତେ ଦିନ ପର୍ଯ୍ୟନ୍ତ ରହେ ଓ କେତେ ପ୍ରେମ ସଫଳ ହୁଏ ତାହା କହି ହେବନି । ଆଉ ଆଜିକାଲିର ପ୍ରେମିକ, ପ୍ରେମିକା ଓ ସ୍ୱାମୀ-ସ୍ତ୍ରୀଙ୍କ ପାଇଁ ବୈଷ୍ଣବ ଓ ସମ୍ବାରୀଙ୍କ ପ୍ରେମ ନିଶ୍ଚୟ ପଥ ପ୍ରଦର୍ଶକ ସାଜିବ ଏଥିରେ ସନ୍ଦେହ ନାହିଁ ।

# ସମାଜ ଗଠନରେ ଗ୍ରନ୍ଥାଗାର ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ




**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟ, ମିତ୍ରପୁର, ଠାରେ "ଗ୍ରନ୍ଥାଗାର ସଂଗଠନ ଓ ପରିଚୟମୂଳକ ଦିଗ୍‌ଦର୍ଶନ" ଶୀର୍ଷକ ଦ୍ୱିଦିବସୀୟ ପ୍ରସାର କାର୍ଯ୍ୟକ୍ରମ ୧୩ ଓ ୧୪ ଫେବୃୟାରୀ ୨୦୨୬ ତାରିଖରେ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭା ଆରମ୍ଭରେ ମଞ୍ଚାସୀନ ଅତିଥିମାନଙ୍କ ଉପସ୍ଥିତିରେ ସ୍ନାତକୋତ୍ତର ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗର ସମନ୍ୱୟକ ଡକ୍ଟର ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ବିଭାଗର ସହଯୋଗୀ ଅଧ୍ୟାପକ ଓ ପ୍ରସାର କାର୍ଯ୍ୟକ୍ରମର ସମନ୍ୱୟକ ଡକ୍ଟର ମନୋଜ କୁମାର ଆଚାର୍ଯ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥାଗାର ଶିକ୍ଷାର ଆବଶ୍ୟକତା ଓ ସମାଜ ଗଠନରେ ତାହାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅମିତ ସାହୁ ସମ୍ମାନୀତ ଅତିଥି ଭାବେ ଉଦ୍‌ବୋଧନ ରଖିଥିଲେ। ଏଥିସହ ଅଧ୍ୟାପକ ଡ଼କ୍ଟର ମନୋରଞ୍ଜନ ଦାସ ମଧ୍ୟ ଗ୍ରନ୍ଥାଗାରର ସଠିକ୍ ସଂଗଠନ ଓ ପରିଚାଳନାର ଗୁରୁତ୍ୱ ସମ୍ପର୍କରେ ସବିଶେଷ ଆଲୋକପାତ କରିଥିଲେ। ଶେଷରେ ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ ଧନ୍ୟବାଦ ଜ୍ଞାପନ କରି ସଭାର ସମାପନ କରିଥିଲେ। ଏହି ଦ୍ୱିଦିନିଆ ପ୍ରସାର କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ପାଠ୍ୟକ୍ରମ ସହ ଗ୍ରନ୍ଥାଗାର ସଂଗଠନ, ପରିଚାଳନା ଓ ନବୀନ ପ୍ରବଣତା ସମ୍ବନ୍ଧରେ ଅଧିକ ଜ୍ଞାନ ଅର୍ଜନ କରିବା ନେଇ ଆଶା ପ୍ରକାଶ କରାଯାଇଛି।

# ଏପ୍ରିଲ ୧ରୁ ମାରାଗୁଡ଼ା ଲୋକମହୋତ୍ସବ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଜିଲ୍ଲାର କଳା ସାହିତ୍ୟ ସଂସ୍କୃତିର ମହାପାର୍ବଣ ମାରାଗୁଡ଼ା ଲୋକମହୋତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୂଆପଡା ବିଧାୟକ ଜୟ ଢୋଲକିୟା, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦିପ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଣଜିତ୍ ନାୟକ, ଉପଜିଲ୍ଲାପାଳ ସୁରମୀ ସୋରେନ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ଖରୀଆର ରୋଡ ଏନ୍ଏସି ଅଧ୍ୟକ୍ଷା ଡଃ ସୋନିଆ ଜୈନ ଅଗ୍ରୱାଲ, ବିଭିନ୍ନ ଲୋକପ୍ରତିନିଧି, କଳାକାର, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ଗତବର୍ଷର ମାରାଗୁଡ଼ା ଲୋକମହୋତ୍ସବର ବିବରଣୀ ଉପସ୍ଥାପନ କରିଥିଲେ । ଚଳିତବର୍ଷ ମାରାଗୁଡ଼ା ଲୋକମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଆସନ୍ତା ଏପ୍ରିଲ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ନ୍ୟାସନାଲ କଲେଜ ପଡିଆରେ ଆୟୋଜନ କରିବାକୁ ବୈଠକରେ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଗଲା। ଅତିଥିଗଣ ଓ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ମହୋତ୍ସବ ଉପରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଲୋକମହୋତ୍ସବକୁ ସୁଚାରୁ ଓ ସଫଳ ଭାବେ ପାଳନ କରିବା ପାଇଁ ୧୩ଟି କମିଟି ଗଠନ କରାଗଲା। ସେଗୁଡିକ ହେଲା- ଉପଦେଷ୍ଟା କମିଟି, ଅଭ୍ୟର୍ଥନା କମିଟି, ବିତ୍ତ କମିଟି, ପ୍ରଦର୍ଶନୀ କମିଟି, ଖାଦ୍ୟ କମିଟି, ବାସ କମିଟି, ମଞ୍ଚ ପରିଚାଳନା କମିଟି, ପ୍ରଚାର ପ୍ରସାର କମିଟି, ସୁରକ୍ଷା ଓ ନିରାପତ୍ତା କମିଟି, ପରିମଳ କମିଟି, ସାଂସ୍କୃତିକ କମିଟି, ସ୍ମରଣିକା କମିଟି ଓ ବୌଦ୍ଧିକ କମିଟି। ପ୍ରତ୍ୟେକ କମିଟିକୁ ନିଜ ନିଜ ଦାୟିତ୍ୱ ସୁଚାରୁ ଭାବେ ପାଳନ କରିବାକୁ ଦାୟିତ୍ୱ ଦିଆଗଲା। ଜିଲ୍ଲାପାଳ ଲୋକ ମହୋତ୍ସବକୁ ଜିଲ୍ଲାର ଗୌରବମୟ ପରମ୍ପରା ଓ ସଂସ୍କୃତିର ପ୍ରତିକ ଭାବେ ବିବେଚନା କରି ସମସ୍ତ ଲୋକପ୍ରତିନିଧି, ନୂଆପଡାବାସୀ, ସରକାରୀ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମନ୍ୱୟ ଓ ସହଯୋଗ କାମନା କରିଥିଲେ।

# ଗୌରେଶ୍ୱର ମହାଦେବ ମନ୍ଦିରର ପୁନଃଉଦ୍ଧାର ଓ ପ୍ରତିଷ୍ଠା ଉତ୍ସବ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ନିର୍ବାଚନ ମଣ୍ଡଳୀ ତଳଗଡ ପଞ୍ଚାୟତରେ ଥିବା ନଗୁଆଁ ଗ୍ରାମରେ ଶ୍ରୀ ଶ୍ରୀ ଗୌରେଶ୍ୱର ମହାଦେବ ମନ୍ଦିରର ପୁନଃଉଦ୍ଧାର ଓ ପ୍ରତିଷ୍ଠା ଉତ୍ସବ ଶନିବାର ମହାଆଡମ୍ବରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାଦେବଙ୍କୁ ମହାସ୍ନାନ, ନୂତନ ବସ୍ତ୍ର ପରିଧାନ, ଗରୁଡ଼ ପୂଜା, କଳସ ଯାତ୍ରା ଘଟ ସ୍ଥାପନ ସୂର୍ଯ୍ୟ ପୂଜା ଯଜ୍ଞ ଷୋଡ଼ଶ ପୂଜା, ବଡ଼ ସିଂହାର ବେଶ, ଗୀତା ପଠନ, ଅଷ୍ଟମକ, ଗୋ-ପୂଜା, ଗୁରୁପୂଜା କରାଯାଇଥିଲା । ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସନ୍ଧ୍ୟାରେ ଆଳତି ଭଜନ କୀର୍ତ୍ତନ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବହୁ ଶ୍ରଦ୍ଧାଳୁ ମନ୍ଦିରକୁ ଆସି ବାବା ମହାଦେବଙ୍କୁ ଦର୍ଶନ କରି ପୂଜା କରିବା ସଙ୍ଗେ ମହାଦେବଙ୍କର ଆର୍ଶୀବାଦ ନେଇଥିଲେ। ସମଗ୍ର ଅଞ୍ଚଳରେ ଭଜନ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଦୁଇ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ। ମହାଦେବଙ୍କ କଳସକୁ ଏକ ବର୍ଣ୍ଣାଢ୍ୟ ଶୋଭା ଯାତ୍ରାରେ ବିଭିନ୍ନ ବାଦ୍ୟ ଘଣ୍ଟ ଶଙ୍ଖ ଜୟ ମହାଦେବଙ୍କ ଧ୍ୱନିରେ କଳସ ବିସର୍ଜନ କରାଯାଇଥିଲା। ଏହି ଗ୍ରାମରର ସମସ୍ତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଭକ୍ତମାନେ ପବିତ୍ର ପୂଜା ଉତ୍ସବରେ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ରହି ମହାଦେବଙ୍କ ଦୁର୍ଲ୍ଲଭ ଦର୍ଶନ ପୂର୍ବକ କୃପାଲାଭ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ମୋହନୀ ମୋହନ ସାହୁ ଓ ତାଙ୍କ ସହଧର୍ମିଣୀ ବିଧି ଅନୁସାରେ ପୂଜା କରିଥିଲେ ଓ ସମସ୍ତ ଗ୍ରାମ ବାସୀମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ବାବା ମହାଦେବଙ୍କୁ ଦର୍ଶନ କରି କୃପା ଲାଭ କରିଥିଲେ ।

# ଶ୍ରୀବାବା ଆଖଣ୍ଡଳମଣୀ ମନ୍ଦିରରେ ମହାଶିବରାତ୍ରି ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶହୀଦନଗର ମାର୍କେଟ୍ ବିଲ୍ଡିଂ ସମ୍ମୁଖରେ ଥିବା ଶ୍ରୀଶ୍ରୀବାବା ଆଖଣ୍ଡଳମଣୀ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସକାଳୁ ସକାଳୁ ମନ୍ଦିର ପରିସରରେ ଗହଳି ଚହଳି ଲାଗିରହିଥିଲା ଓ ବହୁ ସଂଖ୍ୟାରେ ଭକ୍ତମାନେ ପୂଜାର୍ଚ୍ଚନା କରିଥିଲେ। ଓ୍ୱାର୍ଡନଂ-୩୦ (ଶହୀଦନଗର) କର୍ପୋରେଟର ରାଜକିଶୋର ଦାସ ଓ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସନ୍ଧ୍ୟାରେ ମନ୍ଦିର ସମ୍ମୁଖରେ ଶହ ଶହ ଉପବାସଧାରୀ ଜାଗର ଦୀପ ଜାଳିଥିଲେ ଓ ପଣା ପିଇବା କାର୍ଯ୍ୟକ୍ରମ ହୋଇଥିଲା। ରାତ୍ର ୧୦ଟାରେ ମନ୍ଦିର ପୂଜକ ପ୍ରଦୀପ ପଣ୍ଡା, ନୃସିଂହ ଚରଣ ପଣ୍ଡା, ଚକ୍ରଧର ପାଢ଼ୀ ଓ ଧର୍ମପଦ ଦୀକ୍ଷିତଙ୍କ ଦ୍ୱାରା ମହାଦୀପ ଉଠାଯାଇଥିଲା। ହଜାର ହଜାର ଭକ୍ତମାନେ ସମୂହ ପ୍ରସାଦ ସେବନ କରିଥିଲେ। ସଭାପତି ଧନେଶ୍ୱର ନାୟକଙ୍କ ତତ୍ତ୍ୱାବଧାନରେ ଓ ମନ୍ଦିର ପରିଚାଳନା କମିଟିର ସଭ୍ୟ ସଭ୍ୟା ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ହରିଶଙ୍କର ଠାରେ ବାନାଗ୍ନି ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**




ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳା ଠାରେ ବନ ବିଭାଗ ଓ ଆର୍‌ସିଡ଼ିସିର ମିଳିତ ଉଦ୍ୟମରେ ବନାଗ୍ନି ପ୍ରତିରୋଧ ଓ ଜଙ୍ଗଲ ଜାତ ଖାଦ୍ୟ ପରମ୍ପରା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରସିଡିସି ଜିଲ୍ଲା ସଂଯୋଜକ ଶମ୍ଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ଜଙ୍ଗଲ ସୁରକ୍ଷା ଫୋରମ୍ ଆବାହକ କୁଳମଣି ସାହୁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ୍ କମିଟି ଆବାହକ ଟେକେନ୍ଦ୍ର ଜାଲ, ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ନାନ୍ଦୁପଲା ସରପଞ୍ଚ ନିଳେନ୍ଦ୍ରୀ ପୁଝାରୀ, ଭାନପୁର ସରପଞ୍ଚ ରିନା ଜାଲ, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଯୋଗଦେଇଥିଲେ। ଏହି ଅବସରରେ ବାନାଗ୍ନୀ ପ୍ରତିରୋଧ ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ଜଙ୍ଗଲ ଜାତ ଦ୍ରବ୍ୟ, ପାରମ୍ପାରିକ ଖାଦ୍ୟ ଅଭ୍ୟାସ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଖପ୍ରାଖୋଲ ବନପାଳ ସୁଧିର ଜେନା, ଧଣ୍ଡାମୁଣ୍ଡା ବନପାଳ ଇନ୍ଦ୍ରମଣି ବେହେରା, ରେଙ୍ଗାଲି ବନପାଳ ବିପିନ ସାହୁ, ପ୍ରମୋଦା ସେଠ୍, ଆର୍‌ସିଡ଼ିସି ବ୍ଲକ ସଂଯୋଜକ ମିତାଞ୍ଜଳୀ ମିଶ୍ର, ନାରାୟଣ ସାହୁ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନ ବିଭାଗ କର୍ମଚାରୀ, କେନ୍ଦୁପତ୍ର କର୍ମଚାରୀ ଉପସ୍ଥିତ ଥିବାବେଳେ ଦେବରାଜ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# କୁନାକୁନିଙ୍କ ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଖୋଜାପଲ୍ଲୀ ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପିଏମଶ୍ରୀ ବାର୍ଷିକ ଉତ୍ସବ ୨୦୨୬ ବିଦ୍ୟାଳୟର ଏସ୍ଏମ୍‌ସି ସଭାପତି ସନ୍ତୋଷ କୁମାର ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଲ୍ଲିକୋଟ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପଞ୍ଚୁରନ୍ ଚୌଧୁରୀ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାମ୍ବାଦିକ ତଥା ସମାଜସେବୀ ଅଶୋକ କୁମାର ତ୍ରିପାଠୀ, ସିଆରସିସି ସୁଶୀଲ କୁମାର ପଣ୍ଡା, ସରପଞ୍ଚ ମହେଶ୍ୱର ସ୍ୱାଇଁ, ପିସିଏମ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା, ପୂର୍ବତନ ସିଆରସିସି ଦୂର୍ଯ୍ୟୋଧନ ପଲେଇ, ଇନ୍ଦ୍ରମଣି ପ୍ରଧାନ, ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମାନସ ରଞ୍ଜନ ପ୍ରଧାନ ଓ ଭିକାରୀ ଶବର ମଞ୍ଚ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ଅଧ୍ୟକ୍ଷା ରଶ୍ମିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ମାନପତ୍ର ଓ ସିଲ୍ଡ ଦେଇ ସମ୍ମାନିତ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅଭିଭାବକ ଅଭିଭାବିକା, ଛାତ୍ରଛାତ୍ରୀ ଓ ଗ୍ରାମର ବହୁ ପୁରୁଷ ମହିଳା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

# ପୁଲୱାମା ସହିଦଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ସାମାଜିକ ସଂଗଠନ ଜୟ ରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପୁଲୱାମା ଶହିଦଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗରାପୁର କାଳୀଛକ ସ୍ଥିତ ଗୋପାଳଜୀଉ ମନ୍ଦିରରେ ପୁଲୱାମାରେ ଶହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ପୁଲୱାମାରେ ସହିଦ ହୋଇଥିବା ୪୦ଜଣ ବୀର ଯବାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ । ଜୟ ରାଷ୍ଟ୍ରର ଉପାଧ୍ୟକ୍ଷ ବିରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ରାଜେନ୍ଦ୍ର ମହାପାତ୍ର, ରୀନାରାଣୀ ଦାସ, ନମିତା ଜେନା, ନିରଞ୍ଜନ ମହାରଣା, ବିଶ୍ୱରଞ୍ଜନ ଜେନା, ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ମଳୟ ସାହୁ, ସୁଶାନ୍ତ ନାୟକ, ସରୋଜ ରାଉତ, ଅଚ୍ୟୁତାନନ୍ଦ ସ୍ୱାଇଁ, ସତ୍ୟରଞ୍ଜନ ବିଶ୍ୱାଳ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ୨୦୧୯ ଫେବୃୟାରୀ ୧୪ ତାରିଖରେ ଜମ୍ମୁ କାଶ୍ମୀରର ପୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଭାରତୀୟ ଯବାନ ବୀରଗତି ପ୍ରାପ୍ତ ହୋଇଥିଲେ । ସେହିପରି ସାମାଜିକ ସଂଗଠନ ଜୟରାଷ୍ଟ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପୁଲୱାମା ଶହିଦଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ଗରାପୁର କାଳୀଛକ ସ୍ଥିତ ଗୋପାଳଜୀଉ ମନ୍ଦିରରେ ପୁଲୱାମାରେ ଶହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା । ପୁଲୱାମାରେ ସହିଦ ହୋଇଥିବା ୪୦ଜଣ ବୀର ଯବାନଙ୍କ ବଳିଦାନ ଦେଶବାସୀଙ୍କ ପାଇଁ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଉପସ୍ଥିତ ବକ୍ତା ମତବ୍ୟକ୍ତ କରିଥିଲେ । ଜୟ ରାଷ୍ଟ୍ରର ଉପାଧ୍ୟକ୍ଷ ବିରେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ରାଜେନ୍ଦ୍ର ମହାପାତ୍ର, ରୀନାରାଣୀ ଦାସ, ନମିତା ଜେନା, ନିରଞ୍ଜନ ମହାରଣା, ବିଶ୍ୱରଞ୍ଜନ ଜେନା, ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ମଳୟ ସାହୁ, ସୁଶାନ୍ତ ନାୟକ, ସରୋଜ ରାଉତ, ଅଚ୍ୟୁତାନନ୍ଦ ସ୍ୱାଇଁ, ସତ୍ୟରଞ୍ଜନ ବିଶ୍ୱାଳ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ । ୨୦୧୯ ଫେବୃୟାରୀ ୧୪ ତାରିଖରେ ଜମ୍ମୁ କାଶ୍ମୀରର ପୁଲୱାମା ଠାରେ ଆତଙ୍କବାଦୀ ଆକ୍ରମଣରେ ୪୦ ଜଣ ଭାରତୀୟ ଯବାନ ବୀରଗତି ପ୍ରାପ୍ତ ହୋଇଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଗ୍ରାମର ସମାଜସେବୀ ସ୍ୱର୍ଗତ ଅଖିଳପ୍ରସାଦ ମିଶ୍ରଙ୍କ ଧର୍ମପତ୍ନୀ ଦୁହିତା ମିଶ୍ରଙ୍କ ୯୭ବର୍ଷ ବୟସରେ ପରଲୋକ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ କ୍ଷିରାବ୍ଧି, ସହସ୍ରାଂଶୁ, ସାନପୁଅ ସାମ୍ବାଦିକ ସୁଧାଂଶୁ ଶେଖର ମିଶ୍ର, ବୋହୂ ସନ୍ତୋସିନୀ, ମିନତୀ, ସ୍ୱର୍ଣ୍ଣପ୍ରଭା, ନାତି ଘନଶ୍ୟାମ, ଶିବାନନ୍ଦ, ଅର୍ପଣ ନାତୁଣୀ ପ୍ରିତିସ୍ମିତା, ଦେବଶ୍ରୀ, ନାତି ବୋହୂ ଜ୍ଞାନମୟୀ, ପ୍ରିୟଙ୍କା, ପଣନାତି ଶ୍ଳୋକ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ସାହି ପଡିଶା ଓ ବନ୍ଧୁବାନ୍ଧବ ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର ସହଶ୍ରାଂଶୁ ମିଶ୍ର ମୁଖାଗ୍ନୀ ଦେଇଥିଲେ। ଜଗଦୀଶ ବାରିକ, ସଭ୍ୟ ସୁରେନ୍ଦ୍ର ପ୍ରଧାନ, ଅଶୋକ ନାଏକ ଓ ସ୍ୱାଧୀନ କୁମାର ପ୍ରଧାନ ତାଙ୍କର ଶେଷ ଦର୍ଶନ କରିବା ସହିତ ତାଙ୍କର ଅମରଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଛନ୍ତି ।

# ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ଆରମ୍ଭ ହେଲା ମେଳା

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**



## ତିନି ଦିବସୀୟ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଉଦ୍‌ଘାଟିତ

୧୫ ତାରିଖ ଠାରୁ ମହାଶିବରାତ୍ରି ଉପଲକ୍ଷେ ରାଉରକେଲାର ପବିତ୍ର ବେଦବ୍ୟାସ ପୀଠରେ ମେଳା ଆରମ୍ଭ ହୋଇଯାଇଛି । ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ମେଳା ପଡ଼ିଆରେ ଉପସ୍ଥିତ ରହି ବେଦବ୍ୟାସ ମେଳା ଓ ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ରାଉରକେଲାର ପବିତ୍ର ବେଦବ୍ୟାସ ପୀଠର ପ୍ରସିଦ୍ଧ ମେଳା ଚଳିତ ବର୍ଷ ମହାଆଡମ୍ବର ସହକାରେ ପାଳନ କରାଯାଉଛି । ଏହା ଆସନ୍ତା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିସହ ମେଳା ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ତିନି ଦିନ ଧରି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ଆୟୋଜିତ କରାଯାଉଛି । ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗ ଦ୍ୱାରା ନିଜ ନିଜ ବିଭାଗ ଦ୍ୱାରା କରାଯାଉଥିବା ଉଲ୍ଲେଖନୀୟ କାର୍ଯ୍ୟର ପ୍ରଦର୍ଶନୀ ସହିତ ମେଳାରେ ଆସୁଥିବା ଲୋକମାନଙ୍କ ମଧ୍ୟରେ ସଚେତନ କରାଯାଉଛି ଜିଲ୍ଲା କୃଷି ଉଦ୍ୟାନ ବିଭାଗ ସମେତ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ, ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଆଞ୍ଚଳିକ ପରିବହନ ନିଗମ ତରଫରୁ ପ୍ରଦର୍ଶନୀ ଷ୍ଟଲ୍ କରାଯାଇ ଲୋକମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଯାଉଛି । ଏତଦ୍ ବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ଶ୍ରମ ବିଭାଗ, ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ତରଫରୁ ଦିଆଯାଉଥିବା ବିଭିନ୍ନ ସହାୟକ ଉପକରଣ ଓ ସମନ୍ୱିତ ଭୌତିକ ଚିକିତ୍ସା କେନ୍ଦ୍ର ବିଷୟରେ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ମଧ୍ୟ ଷ୍ଟଲ୍ କରାଯାଇଛି । ଏହା ବ୍ୟତୀତ ଜିଲ୍ଲା ଶିଳ୍ପ କେନ୍ଦ୍ର, ଜିଲ୍ଲା ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବିଭିନ୍ନ ସାମଗ୍ରୀ ବିକ୍ରୟ ମଧ୍ୟ କରାଯାଉଛି । ଏହି ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ଏହି ମେଳାକୁ ସୁରୁଖୁରୁରେ ଶେଷ କରିବା ପାଇଁ ଜିଲ୍ଲା ପ୍ରଶାସନ ପୋଲିସ ଓ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ବୋଲି ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଛନ୍ତି । ଏହି ଅବସରରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର ପାନପୋଷ ଉପ ଜିଲ୍ଲାପାଳ ବିଜୟ ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ସାର୍ବଜନୀନ ହେଲା ଏପ୍‌ଷ୍ଟିନ୍ ଫାଇଲ୍‌ର ସବୁ ରେକର୍ଡ, ଭୟଭୀତ ବଡ଼ବଡ଼ିଆ

ଆମେରିକାର କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍‌ଙ୍କ ସହ ଜଡ଼ିତ ଫାଇ୍‌ରେ ସମସ୍ତ ଦସ୍ତାବିଜ ସାର୍ବଜନୀନ ହୋଇଛି । ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ୱେବସାଇଟରେ ଏହା ଉପଲବ୍ଧ କରାଯାଇଛି । ଆଟର୍ନି ଜେନେରାଲ ପାମ୍ ବଣ୍ଡି ରବିବାର ଏହି ସୂଚନା ଦେଇଛନ୍ତି । ଏହି ଦସ୍ତାବିଜଗୁଡ଼ିକରେ ଏଥର ୩୦୦ରୁ ଅଧିକ ହାଇପ୍ରୋଫାଇଲ୍ ନାମ ପଦାକୁ ଆସିଛି ।

ଆମେରିକୀୟ ଗଣମାଧ୍ୟମ ରିପୋର୍ଟ ମୁତାବକ, ନ୍ୟାୟ ବିଭାଗ ୩୦ ଲକ୍ଷରୁ ଅଧିକ ପୃଷ୍ଠାର ରେକର୍ଡ ସାର୍ବଜନୀନ କରିଛି । ଏଥିରେ ଫଟୋ, ଭିଡିଓ ଓ ଅନ୍ୟାନ୍ୟ ରେକର୍ଡ ଆଦି ଅନ୍ତର୍ଭୁକ୍ତ । ସଦ୍ୟ ପ୍ରକାଶ ପାଇଥିବା ଫାଇଲରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଓ ପତ୍ନୀ ମିସେଲ ଓବାମା, ପୂର୍ବ ରାଷ୍ଟ୍ରପତି ଜୋ ବାଇଡେନ୍, ବିଲ୍ କ୍ଲିଣ୍ଟନ ଓ ଜର୍ଜ ଡବ୍ଲ୍ୟୁ ବୁଶ୍, ଏଲନ୍ ମସ୍କ, ବ୍ରିଟେନ୍‌ର ପ୍ରିନ୍ସ ହ୍ୟାରୀ, ବିଲ୍ ଗେଟ୍ସ, ଉଡି ଆଲେନ, କିମ୍ କାର୍ଦାସିଆନ, କୁର୍ଟ କୋବେନ, ମାର୍କ ଜୁକରବର୍ଗ ଓ ବ୍ରୁସ୍ ସ୍ପ୍ରିଙ୍ଗ୍‌ଷ୍ଟିନଙ୍କ ନାମ ରହିଛି । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ନାମ ବି ସ୍ଥାନ ପାଇଛି । ଅଧିକାରୀମାନେ କହିଛନ୍ତି, ଦସ୍ତାବିଜରେ ଏହି ନାମଗୁଡ଼ିକ ସାମିଲ ହେବା ଅର୍ଥ ନୁହେଁ ଯେ କୌଣସି ଖରାପ କାର୍ଯ୍ୟ କରାଯାଇଛି । ଏହା ଭିନ୍ନ ଭିନ୍ନ ଘଟଣା ସହ ଜଡ଼ିତ ହୋଇଥାଇପାରେ । ପାମ୍ ବଣ୍ଡିଙ୍କ ମୁତାବକ, ନ୍ୟାୟ ବିଭାଗ ନିଜ ପାଖରେ ଥିବା ସମସ୍ତ ଫାଇଲ୍‌କୁ ସାର୍ବଜନୀନ କରିଦେଇଛି । ଏଥିରେ ୩୦୦ରୁ ଅଧିକ ଲୋକଙ୍କ ତାଲିକା ଦିଆଯାଇଛି । ତାଲିକାରେ ଏଭଳି ଲୋକ ସାମିଲ ଅଛନ୍ତି, ଯେଉଁମାନଙ୍କ ବାବଦରେ ଭିନ୍ନ ଭିନ୍ନ ଘଟଣା ଆଧାରରେ ବତାଯାଇଛି । ନ୍ୟାୟ ବିଭାଗ କହିଛି ଯେ ଲଜ୍ଜା, ମର୍ଯ୍ୟାଦାକୁ ହାନି ପହଞ୍ଚାଇବା କିମ୍ବା ରାଜନୈତିକ ସମ୍ବେଦନଶୀଳତା କାରଣକୁ ନେଇ କୌଣସି ବି ଦସ୍ତାବିଜ ଲୁଚାଯାଇ ନାହିଁ । ଯେବେ କି କୁହାଯାଉଛି ଯେ ଗୋପନୀୟତା ଓ ଆଇନ ଯୋଗୁ କିଛି ତଥ୍ୟ ହଟାଯାଇଛି । ନୂଆ ଖୁଲାସାରେ ୩୦ ଲକ୍ଷରୁ ଅଧିକ ପୃଷ୍ଠାର ଦସ୍ତାବିଜ ସ୍ଥାନ ପାଇଛି । ଏଥିସହ ହଜାର ହଜାର ଫଟୋ ଓ ଭିଡିଓ ଏଥିରେ ରହିଛି, ଯେଉଁଗୁଡ଼ିକୁ ବର୍ଷ ବର୍ଷର ତଦନ୍ତ ବେଳେ ସଂଗ୍ରହ କରାଯାଇଥିଲା ।

# ହେ ଚକ୍ରୀ ! ସବୁ ତୁମରି ଚକ୍ରାନ୍ତ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ସରିଯାଇଛି ମହାଭାରତ ମହାସମର। ଆଉ ମରିଯାଇଛନ୍ତି କୌରବ କୁଳର ଶତ ରାଜପୁତ୍ର। କୁରୁକୁଳ ରାଜବଧୂମାନଙ୍କର କ୍ରନ୍ଦନରେ ହାହାକାର ହୋଇଉଠୁଛି ହସ୍ତିନାପୁରର ରାଜଭବନ। ଭୂଲୁଣ୍ଠିତ ବସ୍ତ୍ର ଭୂଷଣରେ କିଏ ଭୂମିରେ ଲୋଟି ବିଳାପ କରୁଛି ତ କାହାର ଅର୍ଦ୍ଧଚେତନ ଶରୀର ତଳେ ପଡ଼ିରହିଛି। ଏପରି ଦୃଶ୍ୟକୁ ଦେଖିପାରୁ ନାହାନ୍ତି କୌରବକୁଳର ପଟ୍ଟମହିଷୀ ଗାନ୍ଧାରୀ। ଚକ୍ଷୁଦ୍ୱୟରୁ ତାଙ୍କର ଝରିଯାଉଛି ଅବିରତ ଲୋତକର ଧାର। ନୀଳ ଆକାଶକୁ ଚାହିଁ ଭାବି ଚାଲିଛନ୍ତି ସେ ଅତୀତର ବହୁ କଥା। ଶତପୁତ୍ରର ଜନନୀ ଆଜି ପୁତ୍ରହୀନା। ଏହା ହିଁ ଥିଲା ତାଙ୍କ ବ୍ୟଥାର ଗାଥା। ନିଜକୁ ଯେତେ ବୁଝାଇଲେ ମଧ୍ୟ ମନ ମାନୁନାହିଁ। ତାଙ୍କୁ ଆଶ୍ୱାସନା ଦେବ ବା କିଏ? ପୁତ୍ରହରା ଜନନୀର ବିଳାପକୁ କିଏ ବା ରୋକିପାରିବ? ଏଣେ ବିଳାପ କରି କରି ଚେତନାଶୂନ୍ୟ ହୋଇ ଧୂଳିରେ ଲୋଟିପଡ଼ିଛି ଧୃତରାଷ୍ଟ୍ରଙ୍କ ଶରୀର, ଯିଏ ଥିଲେ ହସ୍ତିନାର ଗତକାଲିର ସମ୍ରାଟ। ଦାସଦାସୀ ପରିବେଷ୍ଟିତ ରାଜପୁର ହୋଇଯାଇଛି କୋଳାହଳ ଶୂନ୍ୟ। ଆଦେଶ ପାଳନ ପାଇଁ ପାଖରେ ବି ନାହାନ୍ତି କେହି।

ଏଣେ ଉତ୍ସବ ମୁଖର ହୋଇଉଠିଥିଲା ପାଣ୍ଡବକୁଳର ରାଜନବର। ରାଜଭକ୍ତ ପ୍ରଜାମାନେ ସେମାନଙ୍କର ଜୟଗାନ କରୁଥିବାବେଳେ କୁନ୍ତୀ ଓ ତାଙ୍କ ପୁତ୍ରମାନେ ଥିଲେ ବିଷାଦ ଜର୍ଜରିତ। ବହି ଯାଉଥିଲା ଧର୍ମରାଜ ଯୁଧିଷ୍ଠିରଙ୍କ ଚକ୍ଷୁଦ୍ୱୟରୁ ଲୁହର ଧାର। ସେମାନଙ୍କର ବହୁ ବନ୍ଧୁ ଓ ସ୍ୱଜନଙ୍କୁ ଯୁଦ୍ଧ ପରଠାରୁ ଆଉ ଦେଖିବାକୁ ମିଳୁ ନଥିଲା। ଯଦି ରାଜ୍ୟ ଭୋଗ ନିମନ୍ତେ ବଂଶ ଧ୍ୱଂସ ହେବାକୁ ଥିଲା ତେବେ ସେଭଳି ସୁଖର ସଜ୍ଞା କ'ଣ ହୋଇପାରେ? ଏହା ହିଁ ଥିଲା ଯୁଧିଷ୍ଠିରଙ୍କ ଆଗରେ ସେତେବେଳର ପ୍ରଶ୍ନ। କୌରବମାନଙ୍କଠାରୁ ଭୋଗିଥିବା ଦୁଃଖକଷ୍ଟ ପ୍ରତି ଭ୍ରୂକ୍ଷେପ ନକରି ଯୁଧିଷ୍ଠିର ଭାବି ଚାଲିଥିଲେ ଅତୀତର ବହୁ କଥା। ରାଜ୍ୟ ପ୍ରାପ୍ତିର ମୋହ ପ୍ରତି ଆସକ୍ତ ହୋଇ ଆଜିର ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଭାବି ସେ ଅତ୍ୟନ୍ତ ଦୁଃଖିତ ମନରେ କେବଳ କରୁଥିଲେ ଅଶ୍ରୁ ବିସର୍ଜନ। ଆଉ ତାଙ୍କୁ ସାନ୍ତ୍ୱନା ଦେଉଥିଲେ ଅନ୍ୟ ପାଣ୍ଡବମାନଙ୍କ ସହ ମାତା କୁନ୍ତୀ। ଏପରି ଶୋକାକୁଳ ପରିବେଶରେ କେବଳ ଦୁଇଜଣ ସ୍ଥିର ହୋଇ ବସି ରହିଥିଲେ। ସେମାନେ ହେଲେ ଯଦୁପତି ଶ୍ରୀକୃଷ୍ଣ ଓ ପାଣ୍ଡବକୁଳ ଲକ୍ଷ୍ମୀ ଅଯୋନୀସମ୍ଭୂତା କୃଷ୍ଣା। ପ୍ରଭୁଙ୍କ ନୀଳାଭତନୁରେ ପିନ୍ଧିଥିବା ପୀତାମ୍ବର ପରିବେଶକୁ ବେଶ୍ ଆକର୍ଷିତ କରୁଥିଲା। ଗଳାରୁ ତାଙ୍କର ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ଜାତି ଜାତି ପୁଷ୍ପର ସୁଦୀର୍ଘ ମାଳ। ପୁଣି ଗଣ୍ଡଦେଶରେ ଦୋହଲି ଝଲସିତ ହେଉଥିବା ରତ୍ନଖଚିତ ମକରକୁଣ୍ଡଳ ସହିତ ଗଭାଖୋସା ଶିଖିଚୂଳ ମୃଦୁମନ୍ଦ ସମୀରଣ ଶିହରଣରେ ଦୋଳାୟିତ ହୋଇ ତାଙ୍କ ମୁଖଶ୍ରୀର ସୁନ୍ଦରତାକୁ ଯଥେଷ୍ଟ ବଢ଼ାଇ ଦେଉଥିଲା। ମୁଖାରବିନ୍ଦରେ ଅପୂର୍ବ ହାସ୍ୟ ଛଟାର ଝଲକ ଦେଖି ମନେ ହେଉଥିଲା ସତେ ବା ନାହିଁ ତାଙ୍କର ଅନୁତାପ ବା ଅନୁଶୋଚନା।

କୁନ୍ତୀଙ୍କ ପରାମର୍ଶ ନେଇ ଯୁଧିଷ୍ଠିରଙ୍କ ସହିତ ଅନ୍ୟ ପାଣ୍ଡବମାନେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ସାନ୍ତ୍ୱନା ଦେବା ନିମନ୍ତେ କୌରବମାନଙ୍କ ରାଜପୁରକୁ ଯିବା ପାଇଁ ପ୍ରସ୍ତୁତ ହେଲେ। ଶ୍ରୀକୃଷ୍ଣ ସେମାନଙ୍କ ସହିତ ଯିବା ନିମନ୍ତେ ଆଗ୍ରହ ଦେଖାଇଲେ ମଧ୍ୟ କୁନ୍ତୀ ତାଙ୍କୁ ସାଥିରେ ନେବାପାଇଁ ମନା କରିଦେଲେ। କାରଣ ଗାନ୍ଧାରୀ ଓ ଧୃତରାଷ୍ଟ୍ରଙ୍କର ସମସ୍ତ କ୍ରୋଧ ଠୁଳିଭୂତ ହୋଇଥିଲା ତାଙ୍କରି ଉପରେ। ସେ ହିଁ ଥିଲେ ସମସ୍ତ କାରଣର କାରଣ। ତାଙ୍କ ଉପସ୍ଥିତିରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କର କ୍ରୋଧ ନିଶ୍ଚିତ ଭାବରେ ବଢ଼ିଯିବ ଭାବି ସାଥିରେ ନେବାକୁ ଅରାଜି ହୋଇଥିଲେ ଯୁଧିଷ୍ଠିର ଓ କୁନ୍ତୀ। ହେଲେ ଶ୍ରୀକୃଷ୍ଣ ସେମାନଙ୍କ ସହ ଯିବା ନିମନ୍ତେ ଅଡ଼ି ବସିଲେ। ଏପରି ସ୍ଥଳେ ତାଙ୍କୁ କିଏ ବା ବାଧା ଦେବାକୁ ଆଗେଇ ଆସିବ? ଶେଷ ନିଷ୍ପତ୍ତିରେ ଶ୍ରୀକୃଷ୍ଣଙ୍କୁ ସାଥିରେ ନେବାପାଇଁ ଯୁଧିଷ୍ଠିର ଓ କୁନ୍ତୀ ସମ୍ମତ ହୋଇଗଲେ। ସାଥିରେ ନ ଯାଇ କେବଳ ଉଆସରେ ରହିଗଲେ କୃଷ୍ଣା। ଯିବାକୁ ତାଙ୍କର ଆଗ୍ରହ ନଥିଲା କି କେହି ତାଙ୍କୁ ଅନୁରୋଧ ବା ଆଦେଶ ଦେଇନଥିଲେ। କୌରବ ରାଜପୁରକୁ ସେମାନେ ଯିବାବେଳେ ତାଙ୍କ ଇନ୍ଦୁନିନ୍ଦିତ ମୁଖମଣ୍ଡଳରେ କେବଳ ଝଲକି ଉଠିଥିଲା ମୃଦୁମନ୍ଦ ହାସର କ୍ଷୀଣ ରେଖା। ମହାକାଳ ଓ ତାଙ୍କର ଇଚ୍ଛାଶକ୍ତି ଏକାଠି ହୋଇଥିଲେ ପୁଣି ଘଟିଯାଇଥାନ୍ତା ଆଉ କିଛି ଅଘଟଣ କି? ଶ୍ରୀକୃଷ୍ଣଙ୍କ ସହିତ ଅଯୋନୀସମ୍ଭୂତା କୃଷ୍ଣା ନ ଯିବାର ଏହା ହିଁ ସମ୍ଭବତଃ ଥିଲା ଅନ୍ୟତମ କାରଣ।

କୌରବକୁଳର ଶତପୁତ୍ରଙ୍କ ପରେ ଥିଲେ ଆଉ ଜଣେ। ତାଙ୍କର ନାମ ଥିଲା ଯୁଯୁତ୍ସୁ। ଗାନ୍ଧାରୀ ଗର୍ଭବତୀ ଥିବା ସମୟରେ ଧୃତରାଷ୍ଟ୍ରଙ୍କ ସେବାରେ ନିୟୋଜିତ ଥିଲେ ଜଣେ ଦାସୀ। ସେ ଥିଲେ ଜଣେ ବୈଶ୍ୟ କନ୍ୟା ଓ ତାଙ୍କରି ଗର୍ଭରୁ ହିଁ ଜନ୍ମ ନେଇଥିଲେ ଯୁଯୁତ୍ସୁ। ତେବେ କୌରବକୁଳର ଦୁଷ୍ଟ ବୁଦ୍ଧିକୁ ସମର୍ଥନ ନ କରି ସେ ହୋଇଥିଲେ ଯୁଧିଷ୍ଠିରଙ୍କର ଶରଣାପନ୍ନ ଓ ସେବକ। ଏହି ଶତପୁତ୍ରଙ୍କ ବ୍ୟତୀତ ଗାନ୍ଧାରୀଙ୍କର ଦୁଃଶୀଳା ନାମରେ ଥିଲେ ଜଣେ କନ୍ୟା। ଯିଏ କି ସିନ୍ଧୁଦେଶର ରାଜା ଜୟଦ୍ରଥଙ୍କୁ କରିଥିଲେ ବିବାହ। ମହାଭାରତ ମହାସମରରେ ଏହି ଜୟଦ୍ରଥଙ୍କ ଯୋଗୁଁ ହିଁ ଚକ୍ରବ୍ୟୂହରେ ପଶି ପ୍ରାଣ ହରାଇଥିଲେ ଅର୍ଜୁନ ପୁତ୍ର ମହାବୀର ଅଭିମନ୍ୟୁ। ଯାହାଫଳରେ ଅର୍ଜୁନଙ୍କ ଦ୍ୱାରା ତାଙ୍କର ଶିରଚ୍ଛେଦନ ହୋଇଥିଲା।

କୌରବକୁଳର ଶତପୁତ୍ରଙ୍କ ନାମ ଥିଲା- ଦୁର୍ଯ୍ୟୋଧନ, ଦୁଃଶାସନ, ଦୁସ୍‌ସହ, ଦୁଶ୍ଶଳ, ଜଳସନ୍ଧ, ସମ, ସହ, ବିନ୍ଦ, ଅନୁବିନ୍ଦ, ଦୁର୍ଦ୍ଧର୍ଷ, ସୁବାହୁ, ଦୁଷ୍ପ୍ରଧର୍ଷଣ, ଦୁର୍ମୁର୍ଷଣ, ଦୁର୍ମୁଖ, ଦୁଷ୍କର୍ଷ, କର୍ଣ୍ଣ, ବିବିଶତି, ବିକର୍ଣ୍ଣ, ଶଳ, ସତ୍ୱ, ସୁଲୋଚନ, ଚିତ୍ର, ଉପଚିତ୍ର, ଚିତ୍ରାକ୍ଷ, ଚାରୁଚିତ୍ର, ଶରାସନ, ଦୁର୍ମୁଦ, ଦୁର୍ବିଗାହ, ବିବିତ୍ସୁ, ବିକଟାନନ, ଊର୍ଣ୍ଣନାଭ, ସୁନାଭ, ନନ୍ଦ, ଉପନନ୍ଦ, ଚିତ୍ରବାଣ, ଚିତ୍ରବର୍ମା, ସୁବର୍ମା, ଦୁର୍ବିମୋଚନ, ଆୟୋବାହୁ, ମହାବାହୁ, ଚିତ୍ରାଙ୍ଗ, ଚିତ୍ରକୁଣ୍ଡଳ, ଭୀମବେଗ, ଭୀମବଳ, ବଳାକୀ, ବଳବଦ୍ଧନ, ଅଗ୍ରାୟୁଦ୍ଧ, ସୁଷେଣ, କୁଣ୍ଡଧାର, ମହୋଦର, ଚିତ୍ରାୟୁଦ୍ଧ, ନିଷଙ୍ଗୀ, ପାଶୀ, ବୃନ୍ଦାରକ, ଦୃଢ଼ବର୍ମା, ଦୃଢ଼କ୍ଷତ୍ର, ସୋମକୀର୍ତ୍ତି, ଅନୁଦର, ଦୃଢ଼ସଂଘ, ଜରାସନ୍ଧ, ସତ୍ୟସଂଘ, ସଦଃସୁବାକ, ଉଗ୍ରଶ୍ରବା, ଉଗ୍ରସେନ, ସେନାନୀ, ଦୁଷ୍ପରାଜୟ, ଅପରାଜିତ, କୁଣ୍ଡଶାୟୀ, ବିଶାଳାକ୍ଷ, ଦୁରାଧର, ଦୃଢ଼ହସ୍ତ, ସୁହସ୍ତ, ବାତବେଗ, ସୁବର୍ଚ୍ଚା, ଆଦିତ୍ୟକେତୁ, ବହ୍ୱାଶୀ, ନାଗଦତ୍ତ, ଅଗ୍ରଯାୟୀ, କବଚୀ, କ୍ରଥନ, କୁଣ୍ଡୀ, ଉଗ୍ର, ଭୀମରଥ, ବୀରବାହୁ, ଅଲୋଲୁପ, ଅଭୟ, ରୌଦ୍ରକର୍ମା, ଦୃଢ଼ରଥାଶ୍ରୟ, ଅନାଧୃଶ୍ୟ, କୁଣ୍ଡଭେଦୀ, ବିରାବୀ, ପ୍ରମଥ, ପ୍ରମାଥୀ, ଦୀର୍ଘରୋମା, ଦୀର୍ଘବାହୁ, ମହାବାହୁ, ବ୍ୟୂଢ଼ୋରସ୍କ, କନକଧ୍ୱଜ, କୁଣ୍ଡାଶୀ ଏବଂ ବିରଜା।

କୁନ୍ତୀ ଓ ପାଣ୍ଡବମାନଙ୍କ ସହିତ ଶ୍ରୀକୃଷ୍ଣ କୁରୁକୁଳର ରାଜପୁରରେ ପ୍ରବେଶ କଲେ। ସେମାନେ ଆସୁଥିବା ଜାଣି ଶୋକାତୁରା ଗାନ୍ଧାରୀଙ୍କ ସହ ଧୃତରାଷ୍ଟ୍ରଙ୍କର ବିଳାପ ଯଥେଷ୍ଟ ବଢ଼ିଯାଇଥିଲା। ଉଭୟ ପକ୍ଷର କ୍ରନ୍ଦନ ରୋଳରେ ଥରି ଉଠିଥିଲା ସମଗ୍ର ରାଜପୁରୀ। ବିଳାପ ପ୍ରଶମିତ ହେବାପରେ ଗାନ୍ଧାରୀ ଚାହିଁଥିଲେ ଯେ ତାଙ୍କ ଚକ୍ଷୁରୁ ବାନ୍ଧିଥିବା ପଟିକୁ ଖୋଲିଦେବା ନିମନ୍ତେ। ଯୁକ୍ତି ଥିଲା- ନିଜର ଜନ୍ମିତ ପୁତ୍ରମାନେ ଧରାଧୂଳିରେ ଆଉ ନଥିଲେ ବି ନିଜ ବଂଶର ରକ୍ତ ସମ୍ପର୍କୀୟ ପାଣ୍ଡବ ପୁତ୍ରମାନେ ତ ଅଛନ୍ତି? ସେମାନଙ୍କୁ ଦେଖିଦେଲେ ଅନ୍ତରର ଦୁଃଖ ନିଶ୍ଚିତ ପ୍ରଶମିତ ହୋଇଯିବ। ଆଉ କଥାଟି ବି ଥିଲା ଯୁକ୍ତିଯୁକ୍ତ। ମାତ୍ର ପ୍ରତିଶୋଧ ପରାୟଣା ଗାନ୍ଧାରୀଙ୍କ ଅନ୍ତରରେ ଥିଲା ଆଉ ଏକ କୁଟିଳ ଚିନ୍ତା। ତାଙ୍କ ଆଖିର ପଟିକୁ ଖୋଲିବା ପାଇଁ ନଥିଲା କାହାର ସାହସ ଓ ସମସ୍ତେ ହୋଇଯାଇଥିଲେ ନିରୁତ୍ତର। ଦ୍ୱିତୀୟ ପାଣ୍ଡବ ଭୀମ ପଟି ଖୋଲିବା ନିମନ୍ତେ ଗାନ୍ଧାରୀଙ୍କଠାରୁ ପ୍ରସ୍ତାବ ଆସିଲା। ଏପରି ଅନୁରୋଧରେ ଭୀମ ଆଗେଇ ଯାଉଥିବାବେଳେ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କ ଶରଣାଗତ କୌରବକୁଳର ଶେଷ ସନ୍ତାନ ଯୁଯୁତ୍ସୁଙ୍କୁ ପଟି ଖୋଲିବା ନିମନ୍ତେ ନିର୍ଦ୍ଦେଶ ଦେଲେ। ଆଉ କହିଥିଲେ ଯେହେତୁ ସେ ଶେଷ କୌରବ ତେଣୁ ମାତାଙ୍କର ଆଖିର ପଟି ଖୋଲିବାରେ ତାଙ୍କର ଅଛି ପ୍ରକୃତ ଅଧିକାର। ଶ୍ରୀକୃଷ୍ଣଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଆଗେଇଗଲେ ଯୁଯୁତ୍ସୁ। ମାତାଙ୍କ ଚକ୍ଷୁରୁ ପଟି ଖୋଲିଦେବା ପରେ ସେଥିରୁ ବିଚ୍ଛୁରିତ ହେଉଥିବା ଅଗ୍ନିରେ ଜଳିଗଲେ ସେ। କୌରବକୁଳର ଅସ୍ତିତ୍ୱ ଶେଷ ହୋଇଗଲା। ଏଣେ ପ୍ରଭୁଙ୍କର ରଙ୍ଗାଧରରେ ଫୁଟି ଉଠିଥିଲା ମୃଦୁମନ୍ଦ ହାସ। ଏପରି ଦେଖି ଧୈର୍ଯ୍ୟହରା ହୋଇପଡ଼ିଲେ କୁନ୍ତୀ ଓ ଧର୍ମରାଜ ଯୁଧିଷ୍ଠିର। ପ୍ରଭୁଙ୍କର ଲୀଳାକୁ ବୁଝିବାକୁ ସେଠାରେ ନଥିଲା କାହାର ଶକ୍ତି। ଏପରି ପରିସ୍ଥିତିରେ ମଣିହରା ଫଣୀ ପରି ଗର୍ଜନ କରିଉଠିଲେ ଗାନ୍ଧାରୀ। ଆଉ କହିଥିଲେ "ହେ ଚକ୍ରୀ! ସବୁ ତୁମରି ଚକ୍ରାନ୍ତ। ମୋ କୁଳର ଶେଷ ସନ୍ତାନକୁ ତୁମେ ହିଁ ବିନାଶ କରିଦେଲ। ଏବେ ମୋର ଅଭିଶାପ ନିଅ। ମୋ ବଂଶର ଯେପରି ଧ୍ୱଂସ ସାଧନ କରିଦେଲ ତୁମରି ଆଗରେ ତୁମ ଯଦୁବଂଶ ଧ୍ୱଂସ ହୋଇଯାଆନ୍ତୁ। ମୋ ଭଳି ଜଣେ ପତିବ୍ରତା ନାରୀର ଯଦୁକୁଳ ପ୍ରତି ଏହା ହିଁ ଅଭିଶାପ।" ଗାନ୍ଧାରୀଙ୍କର ଏପରି ଅଭିଶାପରେ ସ୍ତବ୍ଧ ହୋଇଗଲେ କୁନ୍ତୀଙ୍କ ସମେତ ସମସ୍ତ ପାଣ୍ଡବକୁଳ। ଅଭିଶାପ ଫେରାଇନେବା ନିମନ୍ତେ ଆକୁଳ ପ୍ରାର୍ଥନା କରିଥିଲେ ପାଣ୍ଡବକୁଳ ଓ କୁନ୍ତୀ। ମାତ୍ର ହସିଉଠିଥିଲେ ଯଦୁପତି ବାସୁଦେବ। ଆଉ କହିଥିଲେ, "ହେ ଗାନ୍ଧାରୀ ତୁମର ଅଭିଶାପକୁ ମୁଁ ଗ୍ରହଣ କରିନେଉଛି।" ସେହି ହସ ସହ ତାଳ ଦେଇ ହସି ଉଠିଥିଲା ସ୍ରଷ୍ଟାର ସମସ୍ତ ସୃଷ୍ଟି। ପାଣ୍ଡବମାନଙ୍କ ବିଶାଳ ହର୍ମ୍ୟର ଅଳିନ୍ଦରୁ ପବନ ଢେଉରେ ଭାସି ଆସୁଥିଲା ମହାଶକ୍ତି କୃଷ୍ଣାଙ୍କର ବିକଟ ଅଟ୍ଟହାସ। ଯେଉଁଥିରେ ଥରିଉଠିଥିଲା ସମଗ୍ର ହସ୍ତିନା ନଗରୀ। ପୁଣି ଯାହାଙ୍କ ସତ୍ତା ସର୍ବତ୍ର ବିଦ୍ୟମାନ ଏବଂ ଯିଏ ଅତୀନ୍ଦ୍ରିୟ, ସତ୍ୟ, ନ୍ୟାୟ ଓ ଧର୍ମର ପ୍ରତୀକ ତଥା ରକ୍ଷକ ସେହି ଯଦୁପତି ବାସୁଦେବ କିଏ ତାହା ଗାନ୍ଧାରୀ ବା ଅନ୍ଧ କରୁକୁଳ ଆଦୌ ଜାଣି ପାରିନଥିଲେ।

ଯୁଦ୍ଧକ୍ଷେତ୍ରକୁ ଯିବା ପୂର୍ବରୁ ଆଶୀର୍ବାଦ ଦେବା ଛଳରେ ନିଜ ପୁତ୍ର ଦୁର୍ଯ୍ୟୋଧନଙ୍କୁ "ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ" ବୋଲି ଗାନ୍ଧାରୀ କହିଥିବାର ଯେଉଁମାନେ ଯୁକ୍ତି କରିଥାନ୍ତି ସେମାନେ ସମ୍ଭବତଃ ତାଙ୍କର ଚରିତ୍ରକୁ ଭଲ ଭାବରେ ଅନୁଶୀଳନ କରିପାରି ନାହାନ୍ତି। ଗାନ୍ଧାରୀ ଥିଲେ କୁରୁକୁଳର ପଟ୍ଟମହିଷୀ। ସେ ଚାହିଁଥିଲେ ମହାଭାରତ ଯୁଦ୍ଧକୁ ରୋକି ଦେଇପାରିଥାନ୍ତେ। ପୁଣି ଦ୍ରୌପଦୀଙ୍କୁ କୁରୁ ରାଜସଭାରେ ବିବସନା କରାଯାଉଥିବା ବେଳେ ସେ କେଉଁଠି ଥିଲେ? ନିଜକୁ ପୁଣ୍ୟବତୀ ନାରୀ ଭାବରେ ପରିଚିତ କରାଉଥିବାବେଳେ ଜଣେ ଅସହାୟା ଅବଳା ପ୍ରତି ହୋଇଯାଇଥିବା ଅପମାନକୁ ସେ ଧ୍ୟାନ ଦେଲେ ନାହିଁ କାହିଁକି? ସେ ଚାହିଁଥିଲେ ତାଙ୍କର ପୁତ୍ରମାନେ ଏପରି ଘୃଣିତ କାର୍ଯ୍ୟରୁ ନିଶ୍ଚିତ ଅପସରି ଯାଇଥାନ୍ତେ। ମାତ୍ର ସେ ତାହା କରିପାରି ନଥିଲେ। ବରଂ ରାଜସଭାରୁ ଅପମାନ ପରେ ଦ୍ରୌପଦୀ ଯେତେବେଳେ କୁରୁବଂଶକୁ ଅଭିଶାପ ଦେବାସହ ସମସ୍ତ ରାଜପୁରକୁ ବ୍ରହ୍ମାଗ୍ନିରେ ଧ୍ୱଂସ କରିବାକୁ ଉଦ୍ୟତ ହେଉଥିଲେ ସେ ତାହା କରାଇ ନଦେବା ନିମନ୍ତେ ତାଙ୍କୁ ହାତଯୋଡ଼ି ବାରଂବାର ବିନମ୍ର ଅନୁରୋଧ କରିଥିଲେ। ପୁଣି ପାଣ୍ଡବମାନଙ୍କଠାରୁ ରକ୍ଷା ପାଇବା ପାଇଁ ଦୁର୍ଯ୍ୟୋଧନର ଦେହକୁ ବଜ୍ର କରାଇବା ନିମନ୍ତେ ସେ ଯେଉଁଭଳି ଉଦ୍ୟମ କରୁଥିଲେ ତାହା ଶ୍ରୀକୃଷ୍ଣଙ୍କ ଦ୍ୱାରା ପଣ୍ଡ ହୋଇଯାଇଥିଲା। ତେଣୁ ପୁତ୍ର ପ୍ରତି ଥିଲା ତାଙ୍କର ଯଥେଷ୍ଟ ଆକର୍ଷଣ। ପୁତ୍ର ଦୁର୍ଯ୍ୟୋଧନ ଯେତେ ଅତ୍ୟାଚାରୀ ଓ ପ୍ରଜାପୀଡ଼କ ହେଲେ ମଧ୍ୟ ତାହାର ବଞ୍ଚି ରହିବାକୁ ସେ ଚାହୁଁଥିଲେ। ପୁତ୍ରମାନଙ୍କ ପ୍ରତି ଗାନ୍ଧାରୀଙ୍କର ଥିବା ସ୍ନେହ ମାତୃ ହୃଦୟର ପରିଭାଷା ହୋଇପାରେ ମାତ୍ର ରାଜ୍ୟ ବା ପ୍ରଜାଙ୍କ ପ୍ରତି ତାହା ଆଦୌ ମଙ୍ଗଳକର ନଥିଲା।

# ମା ହିଂସ୍ୟାତ୍ ସର୍ବଭୂତାନି



ଶ୍ରୀହେମନ୍ତ କୁମାର ଗନ୍ତାୟତ
ଅଧ୍ୟାପକ
ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ଭାରତୀୟ ବୈଦିକ ବାଙ୍ମୟ ଏବଂ ତା'ର ଦର୍ଶନ ଶାସ୍ତ୍ର ବିଶ୍ୱର ସମସ୍ତ ଦର୍ଶନ ଶାସ୍ତ୍ର ମଧ୍ୟରେ ଅଦ୍ୱିତୀୟ, ଯେ ଯୁଗ ଯୁଗ ଧରି ସମଗ୍ର ଜଗତର କଲ୍ୟାଣ ନିମନ୍ତେ ପଥ ପ୍ରଦର୍ଶକ ହୋଇ ରହିଅଛି। କେବଳ ଏହି ବୈଦିକ ବାଙ୍ମୟ ଜନ ସମାଜର ହିତ ସାଧନ କଥା ଚିନ୍ତା କରେନାହିଁ, ଅପିତୁ ସମସ୍ତ ସଂସାରର ମଙ୍ଗଳ ଚିନ୍ତନ କରି ଚାଲିଛି। ଏ ଶାସ୍ତ୍ରର ଏକ ଏକ ବାଣୀ ପ୍ରାଣୀ ଜଗତ ପାଇଁ ବରଦାନ ସଦୃଶ। ସେଥି ମଧ୍ୟରୁ ' ମା ହିଂସ୍ୟାତ୍ ସର୍ବଭୂତାନି ' ଏକ ଅମୂଲ୍ୟ ବାର୍ତ୍ତା । ଏହି କ୍ଷୁଦ୍ର ବାକ୍ୟର ଅର୍ଥ କୌଣସି ପ୍ରାଣୀଙ୍କୁ ହିଂସା କର ନାହିଁ। ଯାହା ଅହିଂସା ଏବଂ ସର୍ବଜନ ହିତର ଏକ ଶାଶ୍ୱତ ନିଦର୍ଶନକୁ ସୂଚାଏ।

ଆମ ଭାରତୀୟ ସଂସ୍କୃତି ଓ ତା'ର ପରମ୍ପରା ଆଧ୍ୟାତ୍ମିକ ପୃଷ୍ଠ ଭୂମି ଉପରେ ପର୍ଯ୍ୟବେସିତ, ଯେ ସଦା ସର୍ବଦା 'ଅହିଂସା'କୁ ସର୍ବଶ୍ରେଷ୍ଠ ଧର୍ମ ବୋଲି ବିବେଚନା କରିଛି। ଏହି ଅହିଂସାର ତାତ୍ପର୍ଯ୍ୟ ହେଉଛି କୌଣସି ବି ଜୀବ ବା ପ୍ରାଣୀଙ୍କୁ ମନ, ବଚନ ବା କର୍ମ ଦ୍ୱାରା କଷ୍ଟ ଦେବା ଅନୁଚିତ। କିନ୍ତୁ ହିଂସାର କାର୍ଯ୍ୟ ଅନ୍ୟ ପ୍ରତି କଟୁ ବଚନ, ଅନିଷ୍ଟ ଚିନ୍ତନ ଓ ବିନାଶ କରିବା ଅନ୍ତର୍ଭୁକ୍ତ। ପରନ୍ତୁ ଏହାର ବିପରୀତ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସେହି ଏକା ଈଶ୍ୱରୀୟ ସତ୍ତାକୁ ଦେଖିବା ଏବଂ ସେମାନଙ୍କ ପ୍ରତି ଦୟା ଓ କରୁଣା ଭାବ ରଖିବା ହିଁ ପ୍ରକୃତ ଅହିଂସା। ଯାହା ଋଗବେଦ, ଧର୍ମ ଶାସ୍ତ୍ର ଓ ପୌରାଣିକାଦି ଗ୍ରନ୍ଥରେ କୁହାଯାଇଛି, ଯେ ସମସ୍ତ ପ୍ରାଣୀ ଏକ ପରମାତ୍ମାଙ୍କ ସନ୍ତାନ ଅଟନ୍ତି। ତେଣୁ ଅନ୍ୟକୁ କଷ୍ଟ ଦେବା ଅର୍ଥ ନିଜକୁ କଷ୍ଟ ଦେବା ସହ ସମାନ ଅଟେ।

' ମା ହିଂସ୍ୟାତ୍ ସର୍ବଭୂତାନି' ଏହି ବାକ୍ୟକୁ ସ୍ପଷ୍ଟ କରିବାକୁ ଯାଇ ଶ୍ରୀମଦ୍ ଭଗବଦ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ । ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ।। ଅର୍ଥାତ୍ ଯେଉଁମାନେ ଅଚଳ ରୂପରେ, ମନ ଓ ବୁଦ୍ଧିକୁ ନିୟନ୍ତ୍ରିତ କରି ସର୍ବତ୍ର ସମଭାବାପନ୍ନ ହୋଇ, ଉପାସନା କରନ୍ତି, ସେମାନେ ସମସ୍ତ ପ୍ରାଣୀଙ୍କର କଲ୍ୟାଣ ସାଧନ କରିବା ସହିତ ମୋତେ ପ୍ରାପ୍ତ କରନ୍ତି । ସେପରି ମହାଭାରତରେ 'ଅହିଂସା ପରମୋ ଧର୍ମଃ' ଏବଂ ବୁଦ୍ଧ ଓ ଜୈନ ଧର୍ମରେ ଅହିଂସାକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରାଯାଇଛି। 'ସ୍ୱଭୂତ ହିତେ ରତଃ' କେବଳ ମଣିଷ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ପଶୁପକ୍ଷୀ, ଗଛଲତା ଏବଂ ସମଗ୍ର ଜୀବଜଗତର କଲ୍ୟାଣ ପାଇଁ ପ୍ରେରଣା ଦିଏ । ଯେତେବେଳେ ଜଣେ ବ୍ୟକ୍ତି ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଅନ୍ୟର ସେବା କରେ, ସେତେବେଳେ ତା'ର ଅନ୍ତରାତ୍ମା ଶୁଦ୍ଧ ହୋଇଯାଏ । ବିଶ୍ୱର ପ୍ରତ୍ୟେକ ଧର୍ମରେ ' ସେବା ହିଁ ପରମ ଧର୍ମ'କୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଜୀବେ ସେବା କରେ ଯେଉଁ ଜନ, ସେଇ ଜନ ସେବେ ଈଶ୍ୱର ତନ' । ଏହି ମନ୍ତ୍ରକୁ ପାଳନ କଲେ ହିଁ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

'ସ୍ୱଭୂତ ହିତେ ରତଃ ' କେବଳ ଏକ ବାକ୍ୟ ନୁହେଁ, ଏହା ଏକ ଜୀବନଶୈଳୀ । ଆମର ପ୍ରତ୍ୟେକ କାର୍ଯ୍ୟ ଯଦି ଅନ୍ୟର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ହୁଏ, ତେବେ ପୃଥିବୀ ଏକ ସୁନ୍ଦର ସ୍ଥାନରେ ପରିଣତ ହୋଇପାରିବ। ଆଜିର ସ୍ୱାର୍ଥପର ଦୁନିଆରେ, ଯେଉଁଠି ଯୁଦ୍ଧ, ଆତଙ୍କବାଦ ଏବଂ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି, ସେଠାରେ 'ମା ହିଂସ୍ୟାତ୍ ସର୍ବଭୂତାନ'ର ମନ୍ତ୍ର ଅତ୍ୟନ୍ତ ଜରୁରୀ ମନେହୁଏ। ଯଦି ଆମେ ପ୍ରତ୍ୟେକ ଜୀବଜନ୍ତୁ ଓ ବୃକ୍ଷଲତାଙ୍କୁ ହିଂସା ନକରି ସୁରକ୍ଷା ଦେବା, ତେବେ ପୃଥିବୀର ପରିବେଶ ସନ୍ତୁଳିତ ହେଇପାରିବ। ଯେବେ ମଣିଷ ପରସ୍ପର ପ୍ରତି ହିଂସା ତ୍ୟାଗ କରିବ, ତେବେ ବିଶ୍ୱରୁ ଯୁଦ୍ଧ ଓ ଅଶାନ୍ତି ଦୂରେଇ ଯିବ। ଆଧ୍ୟାତ୍ମିକ ବିକାଶର ଅହିଂସା ମାର୍ଗରେ ଚାଲିଲେ ମନରେ ଶାନ୍ତି ମିଳେ ଏବଂ ମଣିଷ ଈଶ୍ୱରଙ୍କ ନିକଟତର ହୁଏ । 'ମା ହିଂସ୍ୟାତ୍ ସର୍ବଭୂତାନି' କେବଳ ଏକ ଧାର୍ମିକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ଜୀବନ ଶୈଳୀ। ଯଦି ଆମେ ସମସ୍ତେ ସମସ୍ତ ପ୍ରାଣୀଙ୍କୁ ନିଜ ଭଳି ସ୍ନେହ କରିବା, ତେବେ ଏହି ଧରଣୀ ଏକ ସୁନ୍ଦର ସ୍ୱର୍ଗରେ ପରିଣତ ହୋଇ ପାରିବ।

# ମନ କି ବାତ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଡିଜିଟାଲ୍ ଯୁଗରେ ରେଡିଓର ଶକ୍ତିକୁ ସୁଦୃଢ଼ କରିବା ଡିଜିଟାଲ୍ ଏବଂ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଦ୍ୱାରା ପ୍ରଧାନତଃ ଏହି ଯୁଗରେ, ନାଗରିକମାନଙ୍କ ସହିତ ସିଧାସଳଖ ଯୋଗାଯୋଗ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ରେଡିଓକୁ ପ୍ରାଥମିକ ମାଧ୍ୟମ ଭାବରେ ବାଛିବା ରେଡିଓ ସହିତ ଜଡିତ ସ୍ଥାୟୀ ପ୍ରାସଙ୍ଗିକତା ଏବଂ ବିଶ୍ୱାସକୁ ସ୍ପଷ୍ଟ କରେ। ୩ ଅକ୍ଟୋବର ୨୦୧୪ ରେ ଆରମ୍ଭ ହୋଇଥିବା, ମନ କି ବାତ ହେଉଛି ଅଲ୍ ଇଣ୍ଡିଆ ରେଡିଓ (AIR) ରେ ପ୍ରସାରିତ ଏକ ମାସିକ ରେଡିଓ କାର୍ଯ୍ୟକ୍ରମ ଏବଂ ଏହା ଦେଶର ଦୂରବର୍ତ୍ତୀ କୋଣ ପର୍ଯ୍ୟନ୍ତ ପହଞ୍ଚିବା ସୁନିଶ୍ଚିତ କରେ। ସାଧାରଣତଃ ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ, ମନ କି ବାତ ୧୩୦ ସଂସ୍କରଣ ସମାପ୍ତ କରିଛି, ଯାହା ଏହାକୁ ସରକାର ମୁଖ୍ୟଙ୍କ ଦ୍ୱାରା ସବୁଠାରୁ ଦୀର୍ଘକାଳୀନ ରେଡିଓ ପ୍ରସାରଣ ପଦକ୍ଷେପ ମଧ୍ୟରୁ ଗୋଟିଏ କରିଦେଇଛି। ଏହି କାର୍ଯ୍ୟକ୍ରମଟି ଉଦାହରଣ ଦିଏ ଯେ ଡିଜିଟାଲ୍ ଯୁଗରେ ମଧ୍ୟ ରେଡିଓ କିପରି ଗଣ ଯୋଗାଯୋଗ ପାଇଁ ଏକ ପ୍ରଭାବଶାଳୀ ଉପକରଣ ହୋଇ ରହିଛି, ସାକ୍ଷରତା, ଇଣ୍ଟରନେଟ୍ ସୁବିଧା ଏବଂ ଭୌଗୋଳିକ ପ୍ରତିବନ୍ଧକକୁ ଅତିକ୍ରମ କରି। ମନ କି ବାତ ମାଧ୍ୟମରେ, ପ୍ରଧାନମନ୍ତ୍ରୀ ତୃଣମୂଳ ସ୍ତରର ନବସୃଜନ, ସାମାଜିକ ଆନ୍ଦୋଳନ, ସାଂସ୍କୃତିକ ପରମ୍ପରା ଏବଂ ନାଗରିକ-ନେତୃତ୍ୱାଧୀନ ପଦକ୍ଷେପଗୁଡ଼ିକୁ ଆଲୋକପାତ କରନ୍ତି, ଅଂଶଗ୍ରହଣକାରୀ ଶାସନ ଏବଂ ଜାତୀୟ ସଂହତିକୁ ସୁଦୃଢ଼ କରନ୍ତି। ଡିଜିଟାଲ୍ ପ୍ଲାଟଫର୍ମରେ ଏହାର ଏକକାଳୀନ ଉପଲବ୍ଧତା ରେଡିଓର ନୂତନ ପ୍ରଯୁକ୍ତିବିଦ୍ୟା ସହିତ ନିର୍ବିଘ୍ନରେ ସମନ୍ୱିତ ହେବାର କ୍ଷମତାକୁ ଆହୁରି ପ୍ରଦର୍ଶନ କରେ ଏବଂ ଏହାର ମୂଳ ଶକ୍ତି – ବିଶ୍ୱସନୀୟତା, ସରଳତା ଏବଂ ଅନ୍ତର୍ଭୁକ୍ତିକୁ ବଜାୟ ରଖେ। ମନ କି ବାତର ନିରନ୍ତର ସଫଳତା ରେଡିଓର ଅନନ୍ୟ କ୍ଷମତାକୁ ପୁନଃନିର୍ଦ୍ଦିଷ୍ଟ କରେ ଯେ ସେ ବିଶ୍ୱ ରେଡିଓ ଦିବସର ଆତ୍ମା ସହିତ ସମସାମୟିକ ସାର୍ବଜନୀନ ଯୋଗାଯୋଗରେ ଏକ ଶକ୍ତିଶାଳୀ ଏବଂ ପ୍ରାସଙ୍ଗିକ ମାଧ୍ୟମ କରିଥାଏ। ଭାରତୀୟ ରେଡିଓ ସଂଗ୍ରହକାରୀଙ୍କ ପାଇଁ ଗିନିଜ୍ ବିଶ୍ୱ ରେକର୍ଡ ରାମ ସିଂହ ବୌଦ୍ଧ: ଭାରତର ରେଡିଓ ପୁରୁଷ ଉତ୍ତର ପ୍ରଦେଶର ଅମରୋହା ଜିଲ୍ଲାର ଗଜରୌଲାରୁ 'ଭାରତର ରେଡିଓ ପୁରୁଷ' ଭାବରେ ବର୍ଣ୍ଣିତ ରାମ ସିଂହ ବୌଦ୍ଧ ଏକ ବ୍ୟକ୍ତିଗତ ଆବେଗକୁ ଏକ ଜାତୀୟ ସାଂସ୍କୃତିକ ଅବଦାନରେ ପରିଣତ କରିଛନ୍ତି। ୨୦୨୫ ରେ ଗିନିଜ୍ ବିଶ୍ୱ ରେକର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ, ବୌଦ୍ଧ ଦଶନ୍ଧି ଧରି ପ୍ରଯୁକ୍ତିବିଦ୍ୟା ବିକାଶରେ ବ୍ୟାପୀ ୧,୨୫୭ ଟି ସ୍ୱତନ୍ତ୍ର ରେଡିଓ ସେଟ୍ ସହିତ ବିଶ୍ୱର ସର୍ବବୃହତ ରେଡିଓ ସଂଗ୍ରହର ରେକର୍ଡ ରଖିଛନ୍ତି। ତାଙ୍କ ସଂଗ୍ରହ ରେଡିଓର କାହାଣୀ ବର୍ଣ୍ଣନା କରେ, ବିଂଶ ଶତାବ୍ଦୀର ପ୍ରାରମ୍ଭର ବଡ଼ କାଠ ରିସିଭରଠାରୁ ଆରମ୍ଭ କରି ଲକ୍ଷ ଲକ୍ଷ ଭାରତୀୟ ଘରେ ଖବର ଏବଂ ମନୋରଞ୍ଜନ ଆଣିଥିବା କମ୍ପାକ୍ଟ ଟ୍ରାଞ୍ଜିଷ୍ଟର ସେଟ୍ ପର୍ଯ୍ୟନ୍ତ। ଭାରତର ରେଡିଓ ପୁରୁଷ ରାମ ସିଂହ ବୌଦ୍ଧ ବୌଦ୍ଧଙ୍କ ଯାତ୍ରା ଇତିହାସ ଏବଂ ସାଧାରଣ ଯୋଗାଯୋଗ ପ୍ରତି ତାଙ୍କର ଆକର୍ଷଣରେ ଗଭୀର ଭାବରେ ନିହିତ। ରେଡିଓର ସ୍ଥାୟୀ ପ୍ରାସଙ୍ଗିକତା, ବିଶେଷକରି ମନ କି ବାତ ଭଳି କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରାଣିତ ହୋଇ, ସେ ଭାରତ ସାରାରୁ ରେଡିଓ ସଂଗ୍ରହ କରିବା ଆରମ୍ଭ କଲେ। ଯାହା ଏକ ହବି ଭାବରେ ଆରମ୍ଭ ହୋଇଥିଲା ତାହା ଧୀରେ ଧୀରେ ଏକ ଅଦୃଶ୍ୟ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଏକ ମିଶନରେ ପରିଣତ ହେଲା। ଆର୍ଥିକ ପ୍ରତିବନ୍ଧକ ଏବଂ ସାମାଜିକ ସନ୍ଦେହ ସତ୍ତ୍ୱେ, ସେ ଉଲ୍ଲେଖନୀୟ ଦୃଢ଼ତାର ସହିତ ତାଙ୍କର ପ୍ରୟାସ ଜାରି ରଖିଲେ। ଭାରତର ରେଡିଓ ପୁରୁଷଙ୍କ ରେଡିଓ ସଂଗ୍ରହ ଆଜି, ତାଙ୍କ ସଂଗ୍ରହ ସିଦ୍ଧାର୍ଥ ଇଣ୍ଟର କଲେଜରେ ଅବସ୍ଥିତ ଏକ ସଂଗ୍ରହାଳୟରେ ରଖାଯାଇଛି, ଯାହା ତାଙ୍କ ପରିବାର ଦ୍ୱାରା ପରିଚାଳିତ। ଏହି ସ୍ଥାନଟି ଏକ ଜୀବନ୍ତ ଅଭିଲେଖାଗାର ଭାବରେ କାର୍ଯ୍ୟ କରେ, ଯାହା ଛାତ୍ର, ଗବେଷକ ଏବଂ ପରିଦର୍ଶକଙ୍କୁ ଜନମତ ଏବଂ ଜାତୀୟ ଚେତନା ଗଠନ କରିବାରେ ରେଡିଓର ଭୂମିକା ବୁଝିବାକୁ ସକ୍ଷମ କରିଥାଏ। ବୌଦ୍ଧଙ୍କ ସଫଳତା ରେଡିଓର କାଳଜୟୀ ପ୍ରାସଙ୍ଗିକତା ଏବଂ ଭାରତର ଯୋଗାଯୋଗ ଐତିହ୍ୟକୁ ସୁରକ୍ଷା ଦେଉଥିବା ବ୍ୟକ୍ତିଗତ ପ୍ରୟାସ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଠିଆ ହୋଇଛି। ୭୧ ବର୍ଷ ବୟସରେ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତାଙ୍କ ଆଗ୍ରହ ତାଙ୍କୁ ଯେଉଁ ଯାତ୍ରାରେ ନେଇଛି ସେଥିରେ ଆଶ୍ଚର୍ଯ୍ୟ ହୋଇ ଚାଲିଛନ୍ତି। ରାମ ସିଂହ ବୌଦ୍ଧଙ୍କ କାହାଣୀ କେବଳ ରେଡିଓ ବିଷୟରେ ନୁହେଁ, ଏହା ଇତିହାସ ପ୍ରତି ପ୍ରେମ ଏବଂ ସମଗ୍ର ଜାତିର ସ୍ୱରକୁ ସଂରକ୍ଷଣ କରିବା ପାଇଁ ଜଣେ ବ୍ୟକ୍ତିଙ୍କ ଶକ୍ତିର ପ୍ରମାଣ। ବିଶ୍ୱ ରେଡିଓ ଦିବସ ଏକ ବିଶ୍ୱସ୍ତ, ସହଜରେ ସୁଗମ ଏବଂ ଅନ୍ତର୍ଭୁକ୍ତ ମାଧ୍ୟମ ଭାବରେ ରେଡିଓର ନିରନ୍ତର ପ୍ରାସଙ୍ଗିକତାକୁ ଉଜ୍ଜ୍ୱଳ କରେ। ଦ୍ରୁତ ଡିଜିଟାଲାଇଜେସନ୍ ସତ୍ତ୍ୱେ, ବିବିଧ ଏବଂ ଅନୁନ୍ନତ ଜନସଂଖ୍ୟା ପର୍ଯ୍ୟନ୍ତ ପହଞ୍ଚିବା, ସାକ୍ଷରତା, ଭାଷା ଏବଂ ସଂଯୋଗର ପ୍ରତିବନ୍ଧକକୁ ଦୂର କରିବା ଏବଂ ସାଧାରଣ ସୂଚନା, ଶିକ୍ଷା ଏବଂ ବିପର୍ଯ୍ୟୟ ଯୋଗାଯୋଗକୁ ସମର୍ଥନ କରିବା ପାଇଁ ରେଡିଓ ଗୁରୁତ୍ୱପୂର୍ଣ୍ଣ ରହିଛି। ଭାରତରେ, ସାର୍ବଜନୀନ ସେବା ଏବଂ ସମ୍ପ୍ରଦାୟ ରେଡିଓ ସ୍ଥାନୀୟ ସ୍ୱରକୁ ବୃଦ୍ଧି କରି ଏବଂ ବିକାଶ ଏବଂ ସାମାଜିକ ସଂହତିରେ ଯୋଗଦାନ ଦେଇ ଅଂଶଗ୍ରହଣକାରୀ ଯୋଗାଯୋଗକୁ ସୁଦୃଢ଼ କରନ୍ତି। ୟୁନେସ୍କୋ ଦ୍ୱାରା ଗୁରୁତ୍ୱାରୋପ କରାଯାଇଥିବା ପରି, ମୁକ୍ତ ଅଭିବ୍ୟକ୍ତି, ବିଶ୍ୱସନୀୟ ସୂଚନା ଏବଂ ଅନ୍ତର୍ଭୁକ୍ତିମୂଳକ ଆଲୋଚନା ପାଇଁ ରେଡିଓକୁ ଏକ ପ୍ଲାଟଫର୍ମ ଭାବରେ ସଂରକ୍ଷଣ କରିବା ପାଇଁ ନିରନ୍ତର ନୀତି ସମର୍ଥନ ଏବଂ ନବସୃଜନ ଅତ୍ୟାବଶ୍ୟକ, ଯାହା ଦ୍ରୁତ ଗତିରେ ବିକଶିତ ହେଉଥିବା ଗଣମାଧ୍ୟମ ଲ୍ୟାଣ୍ଡସ୍କେପରେ ଏହାର ସ୍ଥାୟୀ ଭୂମିକା ସୁନିଶ୍ଚିତ କରେ।

ଜରୁରୀକାଳୀନ ପରିସ୍ଥିତି ସମୟରେ ରେଡିଓ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସଙ୍କଟ ବିଦ୍ୟୁତ୍, ଇଣ୍ଟରନେଟ୍ ସେବା କିମ୍ବା ଅନ୍ୟାନ୍ୟ ଯୋଗାଯୋଗ ନେଟୱାର୍କକୁ ବ୍ୟାହତ କରେ, ରେଡିଓ ପ୍ରାୟତଃ ବିଶ୍ୱସ୍ତ ଏବଂ ସମୟୋଚିତ ସୂଚନାର ସବୁଠାରୁ ନିର୍ଭରଯୋଗ୍ୟ ଉତ୍ସ ହୋଇ ରହିଥାଏ। ଆଜି ମଧ୍ୟ, ଏହା ଜନ ସୁରକ୍ଷା ଏବଂ ସଚେତନତା ପାଇଁ ଏକ ଜୀବନରେଖା ହୋଇ ରହିଛି। ରେଡିଓର ଶକ୍ତି କେବଳ ଏହାର ପହଞ୍ଚରେ ନୁହେଁ, ବରଂ ଏହାର ପ୍ରାସଙ୍ଗିକତାରେ ମଧ୍ୟ ରହିଛି। ନିମ୍ନଲିଖିତ ଉଦାହରଣଗୁଡ଼ିକ ଦର୍ଶାଏ ଯେ ରେଡିଓ ଭାରତର ସାମାଜିକ, ବିକାଶମୂଳକ ଏବଂ ଜରୁରୀକାଳୀନ ଯୋଗାଯୋଗ ଢାଞ୍ଚାରେ କିପରି ଗଭୀର ଭାବରେ ସ୍ଥାପିତ ରହିଛି। ସମ୍ପ୍ରଦାୟ ଅଂଶଗ୍ରହଣ ରେଡିଓର ତୃଣମୂଳ ସ୍ତରରେ ପ୍ରଭାବକୁ ଆହୁରି ମଜବୁତ କରେ। ବୁନ୍ଦେଲଖଣ୍ଡରେ, ମହିଳାମାନଙ୍କ ନେତୃତ୍ୱରେ ସମ୍ପ୍ରଦାୟ ରେଡିଓ ପଦକ୍ଷେପଗୁଡ଼ିକ ବାଳିକା ଶିକ୍ଷା, କୃଷି ଏବଂ କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା କରିବା ପାଇଁ ପ୍ଲାଟଫର୍ମ ପ୍ରଦାନ କରିଛି, ପ୍ରଥମ ଥର ପ୍ରସାରକମାନଙ୍କୁ ସ୍ଥାନୀୟ ପରିବର୍ତ୍ତନକାରୀ ହେବା ପାଇଁ ସଶକ୍ତ କରିଛି। କଚ୍ଛରେ, ସମ୍ପ୍ରଦାୟ ରେଡିଓ ଉପଭାଷା ଏବଂ ମୌଖିକ ପରମ୍ପରାକୁ ସଂରକ୍ଷଣ କରେ, ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦିଏ। ଗୁଜୁରାଟର କଚ୍ଛରେ, ସମ୍ପ୍ରଦାୟ ରେଡିଓ ଷ୍ଟେସନଗୁଡ଼ିକ କଚ୍ଛୀ ଉପଭାଷାରେ ପ୍ରସାରଣ କରନ୍ତି, ଲୋକଗୀତ, ମୌଖିକ ଇତିହାସ ଏବଂ କାହାଣୀ କହିବା ଅଧିବେଶନ ପ୍ରସାରଣ କରନ୍ତି। ସ୍ଥାନୀୟ ଉପଭାଷାଗୁଡ଼ିକ ଧୀରେ ଧୀରେ ହ୍ରାସ ପାଉଥିବାରୁ, ରେଡିଓ ଏକ ସାଂସ୍କୃତିକ ଅଭିଲେଖାଗାର ଏବଂ ଘରୁ ଦୂରରେ ରହୁଥିବା ପ୍ରବାସୀମାନଙ୍କ ପାଇଁ ଏକ ଭାବପ୍ରବଣ ସେତୁ ଭାବରେ କାର୍ଯ୍ୟ କରେ। ଦିଲ୍ଲୀର ତିହାର ଜେଲରେ, କଏଦୀମାନଙ୍କ ଦ୍ୱାରା ପରିଚାଳିତ ରେଡିଓ ପଦକ୍ଷେପଗୁଡ଼ିକ ଆଇନଗତ ସଚେତନତା, ମାନସିକ ସ୍ୱାସ୍ଥ୍ୟ, ସଙ୍ଗୀତ ଏବଂ କବିତା, ଗଠନମୂଳକ କାର୍ଯ୍ୟ ମାଧ୍ୟମରେ ପ୍ରକାଶନ, ଆତ୍ମବିଶ୍ୱାସ ଏବଂ ପୁନର୍ବାସ ଉପରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରେ। ଉତ୍ତରାଖଣ୍ଡର ପାହାଡ଼ଗୁଡ଼ିକରେ, ଯେଉଁଠାରେ ଇଣ୍ଟରନେଟ୍ ସଂଯୋଗ ପ୍ରାୟତଃ ଅବିଶ୍ୱସନୀୟ, କମ୍ୟୁନିଟି ରେଡିଓ ଭୂସ୍ଖଳନ ଚେତାବନୀ, କୃଷି ପରାମର୍ଶ, ଚାକିରି ସୂଚନା ଏବଂ ଲୋକ ସଙ୍ଗୀତ ପ୍ରଦାନ କରେ, ଦୂରବର୍ତ୍ତୀ ଏବଂ ବୟସ୍କ ଜନସଂଖ୍ୟା ପାଇଁ ସୁଗମ ଏବଂ ନିର୍ଭରଯୋଗ୍ୟ। ଦିଲ୍ଲୀ ଏବଂ ମୁମ୍ବାଇ ଭଳି ମହାନଗରୀଗୁଡ଼ିକରେ, FM ରେଡିଓ ଦୈନନ୍ଦିନ ସହରାଞ୍ଚଳ ଜୀବନର ଏକ ଅଂଶ ହୋଇ ରହିଛି, ଟ୍ୟାକ୍ସି ଏବଂ ଅଟୋ ଡ୍ରାଇଭରମାନେ ଟ୍ରାଫିକ୍ ଅପଡେଟ୍, କ୍ରିକେଟ୍ ମନ୍ତବ୍ୟ, ସଙ୍ଗୀତ ଏବଂ ଇଣ୍ଟରାକ୍ଟିଭ୍ ଶୋ' ପାଇଁ ପ୍ରସ୍ତୁତ ଅଛନ୍ତି – ଏକ ଉଚ୍ଚ ଡିଜିଟାଇଜଡ୍ ସହରରେ ମଧ୍ୟ ରେଡିଓର ସ୍ଥାୟୀ ପ୍ରାସଙ୍ଗିକତାକୁ ଅଙ୍କନ କରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୮ ଫେବୃୟାରୀ ୨୦୨୬ ବୁଧବାର



# ହଠାତ୍ ଭୋକ ଲାଗିବା ବନ୍ଦ ହୋଇଯାଉଛି କି ? ସାବଧାନ !



କିଛି ଲୋକଙ୍କର ହଠାତ୍ ସ୍ୱାଭାବିକ ଭୋକ କମିଯାଏ। ଏହାକୁ ପ୍ରାୟତଃ ଥକ୍କାପଣ, ପାଗ କିମ୍ବା ଦିନଚର୍ଯ୍ୟାରେ ପରିବର୍ତ୍ତନ ବୋଲି ଖାରଜ କରାଯାଏ । ଭୋକ ଆମ ଶରୀରର ଆବଶ୍ୟକତା ଏବଂ ଆଭ୍ୟନ୍ତରୀଣ ସନ୍ତୁଳନକୁ ସୂଚିତ କରେ। ଯେତେବେଳେ ଶରୀରକୁ ଶକ୍ତିର ଆବଶ୍ୟକତା ଥାଏ ସେତେବେଳେ ଭୋକ ଲାଗିବା ସ୍ୱାଭାବିକ। ଯଦି ଆପଣ କୌଣସି ନିର୍ଦ୍ଦିଷ୍ଟ କାରଣ ବିନା କ୍ରମାଗତ ଭୋକ ଅଭାବ ଅନୁଭବ କରନ୍ତି, ତେବେ ଏହା ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ଏବଂ ମାନସିକ ସ୍ଥିତିକୁ ପ୍ରଭାବିତ କରିପାରେ । ସମୟ ଅନୁସାରେ ଏବଂ ସଠିକ୍ ପରିମାଣରେ ନ ଖାଇବା ଦ୍ୱାରା ଦୁର୍ବଳତା, ମୁଣ୍ଡ ବୁଲାଇବା, ଚିଡ଼ିଚିଡ଼ା ହେବା ଏବଂ ଏକାଗ୍ରତାର ଅଭାବ ହୋଇପାରେ । ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ । ଦୀର୍ଘ ସମୟ ଧରି ଭୋକ ହ୍ରାସ ହେବା ଦ୍ୱାରା ଓଜନ ହ୍ରାସ ଏବଂ ପୁଷ୍ଟିକର ଅଭାବ ହୋଇପାରେ । ଏହା ଆପଣଙ୍କ ଚର୍ମ, କେଶ ଏବଂ ନିଦ୍ରା ଗୁଣବତ୍ତା ଉପରେ ମଧ୍ୟ ପ୍ରଭାବ ପକାଇପାରେ । କେତେକ ସମୟରେ, ଜଣେ ବ୍ୟକ୍ତି କୌଣସି ସ୍ପଷ୍ଟ କାରଣ ବିନା କ୍ଲାନ୍ତ ଏବଂ ଅଳସୁଆ ଅନୁଭବ କରନ୍ତି। ତେଣୁ, ଭୋକରେ ପରିବର୍ତ୍ତନକୁ ବୁଝିବା ଏବଂ ତୁରନ୍ତ ସେଗୁଡ଼ିକୁ ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଡାକ୍ତରଙ୍କ କହିବା ଅନୁସାରେ, କ୍ରମାଗତ ଭାବରେ ଭୋକ ନ ଲାଗିବା ପ୍ରାୟତଃ ଏକ ଅନ୍ତର୍ନିହିତ ଚିକିତ୍ସା ଅବସ୍ଥା ସହିତ ଜଡିତ ହୋଇପାରେ। ଗ୍ୟାସ, ଏସିଡିଟି କିମ୍ବା ପେଟ ଫୁଲିବା ଭଳି ପାଚନ ସମସ୍ୟା ଭୋକ କମାଇପାରେ। ଥାଇରଏଡ୍ ରୋଗ ଶରୀରର ମେଟାବୋଲିଜିମ୍ ମଧ୍ୟ ପ୍ରଭାବିତ କରେ, ଯାହା ଫଳରେ ଭୋକ କମିଯାଏ । ଯକୃତ କିମ୍ବା ବୃକକ୍ ସମସ୍ୟା, ଦୀର୍ଘକାଳୀନ ସଂକ୍ରମଣ, କିମ୍ବା ହରମୋନ୍ ଅସନ୍ତୁଳନ ମଧ୍ୟ ଏହାର କାରଣ ହୋଇପାରେ। ଚାପ, ଅବସାଦ ଏବଂ ଚିନ୍ତା ଭଳି ମାନସିକ କାରଣଗୁଡ଼ିକ ମଧ୍ୟ ଭୋକକୁ ଦମନ କରିପାରେ। ଯଦି ଏହି ଅବସ୍ଥା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ, ତେବେ ଏହାକୁ ଶରୀର ପକ୍ଷରୁ ଏକ ସତର୍କ ସଙ୍କେତ ବୋଲି ବିବେଚନା କରାଯିବା ଉଚିତ । ସୁସ୍ଥ ଭୋକ ବଜାୟ ରଖିବା ପାଇଁ, ନିୟମିତ ସମୟରେ ଖାଦ୍ୟ ଖାଆନ୍ତୁ ଏବଂ ଦୀର୍ଘ ସମୟ ଧରି ଭୋକ ନଖାଇ ଦିଅନ୍ତୁ। ଫଳ, ପନିପରିବା ଏବଂ ପର୍ଯ୍ୟାପ୍ତ ପ୍ରୋଟିନ୍ ଥିବା ହାଲୁକା, ତାଜା ଏବଂ ପୁଷ୍ଟିକର ଖାଦ୍ୟ ବାଛନ୍ତୁ। ଭଜା ଏବଂ ଜଙ୍କ୍ ଫୁଡ୍ ସୀମିତ କରନ୍ତୁ। ତେବେ ଏଭଳି ଲକ୍ଷଣ ଦେଖାଗଲେ ପ୍ରଚୁର ପାଣି ପିଅନ୍ତୁ ଏବଂ ପର୍ଯ୍ୟାପ୍ତ ନିଦରେ ଶୁଅନ୍ତୁ । ପ୍ରତିଦିନ ଚାଲିବା କିମ୍ବା ବ୍ୟାୟାମ କରନ୍ତୁ । ଚାପ କମାଇବା ପାଇଁ ଯୋଗ, ଧ୍ୟାନ କିମ୍ବା ଆପଣଙ୍କ ପସନ୍ଦର କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ ।ଯଦି ଦୁଇରୁ ତିନି ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ଭୋକ ନଲାଗେ, ଦ୍ରୁତ ଓଜନ ହ୍ରାସ, ସ୍ଥାୟୀ ଦୁର୍ବଳତା କିମ୍ବା ମୁଣ୍ଡ ବୁଲାଇବା କିମ୍ବା ଖାଇବା ପରେ ବାନ୍ତି ଅନୁଭବ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବା ଗୁରୁତ୍ୱପୂର୍ଣ୍ଣ।

# ରାତିରେ ଖାଆନ୍ତୁ ଏହି ୫ ଜିନିଷ, ଶୀଘ୍ର କମିଯିବ ପେଟର ଚର୍ବି



ଆଜିର ଦ୍ରୁତ ଗତି ଜୀବନରେ, କାମର ଚାପ ଏବଂ ପରିବର୍ତ୍ତନଶୀଳ ଅଭ୍ୟାସ ସିଧାସଳଖ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି। ସମୟ ଅଭାବରୁ ଲୋକମାନେ ସଠିକ ସମୟରେ ଖାଇବା କିମ୍ବା ନିଜ ଶରୀରର ଆବଶ୍ୟକତାକୁ ବୁଝିପାରୁ ନାହାଁନ୍ତି। ଫାଷ୍ଟଫୁଡ ଏବଂ ଖାଇବା ପାଇଁ ପ୍ରସ୍ତୁତ ଜିନିଷଗୁଡ଼ିକ ଦୈନନ୍ଦିନ ଖାଦ୍ୟର ଏକ ଅଂଶ ପାଲଟିଛି, ଯାହାର ପରିଣାମ ଧୀରେ ଧୀରେ ଶରୀରରେ ଦୃଶ୍ୟମାନ ହେବାରେ ଲାଗିଛି। ଓଜନ ବୃଦ୍ଧି, ଥକ୍କାପଣ ଏବଂ ଛୋଟମୋଟ ସ୍ୱାସ୍ଥ୍ୟ ସମସ୍ୟା ସାଧାରଣ ହୋଇଗଲାଣି। ବିଶେଷକରି ମୋଟାପଣ ଏକ ସମସ୍ୟା ପାଲଟିଛି ଯାହା ଅନେକ ଅନ୍ୟାନ୍ୟ ରୋଗକୁ ନିମନ୍ତ୍ରଣ କରେ। ଲୋକମାନେ ଫିଟ ଦେଖାଯିବା ଏବଂ ସକ୍ରିୟ ରହିବା ପାଇଁ ନୂତନ ପଦ୍ଧତି ଚେଷ୍ଟା କରନ୍ତି, କିନ୍ତୁ ପ୍ରାୟତଃ, ଉପଯୁକ୍ତ ସୂଚନା ଅଭାବରୁ, ସେମାନେ ଭୁଲ ପସନ୍ଦ କରନ୍ତି। ଏପରି ପରିସ୍ଥିତିରେ, ଅଧିକ ଅସୁବିଧା ବିନା ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ସନ୍ତୁଳିତ ଚିନ୍ତାଧାରା ଏବଂ ବୁଦ୍ଧିମାନ କାର୍ଯ୍ୟର ଆବଶ୍ୟକତା ରହିଛି। ମେଦବହୁଳତା ପଛରେ ଅନେକ କାରଣ ଥାଇପାରେ, କିନ୍ତୁ ସବୁଠାରୁ ବଡ଼ କାରଣ ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ଜୀବନଶୈଳୀ। ଯଦି ଆପଣ ମଧ୍ୟ ଓଜନ ବୃଦ୍ଧି ବିଷୟରେ ଚିନ୍ତିତ, ତେବେ ପ୍ରଥମେ ଆପଣଙ୍କ ଖାଦ୍ୟ ଅଭ୍ୟାସ ପ୍ରତି ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ବିଶେଷକରି, ରାତ୍ରୀ ଭୋଜନରେ କରାଯାଇଥିବା ଏକ ଛୋଟ ଭୁଲ ଓଜନ ବୃଦ୍ଧି କରିପାରେ। କ୍ଳାନ୍ତିକର ଦିନ ପରେ, ଶରୀରକୁ ବିଶ୍ରାମ ଏବଂ ଭଲ ନିଦ ଆବଶ୍ୟକ। ରାତିରେ ଭାରୀ ଖାଦ୍ୟ ଖାଇବା କେବଳ ନିଦକୁ ପ୍ରଭାବିତ କରେ ନାହିଁ ବରଂ ଦ୍ରୁତ ଓଜନ ମଧ୍ୟ ବୃଦ୍ଧି କରିପାରେ। ଏକ ସ୍ଲିମ୍ ଫିଗର ହାସଲ କରିବା ପାଇଁ, ରାତିରେ ହାଲୁକା ଏବଂ ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ। ସବୁଜ ସାଲାଡରେ ଭରପୂର ପରିମାଣରେ ଫାଇବର ଥାଏ, ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରିଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂରଣ ରହିଥାଏ ଏବଂ ଭୋକ ଲାଗିବା ରୋକିଥାଏ। ଏହାର କ୍ୟାଲୋରୀ ପରିମାଣ କମ୍ ? ଥିବାରୁ, ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣଙ୍କ ରାତ୍ରୀ ଭୋଜନ ସାଲାଡରେ କେବଳ ତାଜା ପନିପରିବା ସାମିଲ କରିବା ଭଲ। ରାତ୍ରୀ ଭୋଜନ ପାଇଁ ସୁପ ଏକ ଉତ୍ତମ ପସନ୍ଦ। ଏହା ହାଲୁକା ଏବଂ ସହଜରେ ହଜମ ହୁଏ। କଖାରୁ, ଟମାଟୋ, ଗାଜର କିମ୍ବା ପାଳଙ୍ଗ ସହିତ ତିଆରି ପନିପରିବା ସୁପରେ କ୍ୟାଲୋରୀ କମ୍ ଥାଏ ଏବଂ ଆପଣଙ୍କୁ ସନ୍ତୁଷ୍ଟ ରଖେ ଏବଂ ଓଜନ ବୃଦ୍ଧି ରୋକିଥାଏ। ଓଟ୍ସ ଇଡ୍‌ଲୀ ଏକ ସୁସ୍ଥ ରାତ୍ରୀ ଭୋଜନ ବିକଳ୍ପ। ଏଥିରେ ପ୍ରଚୁର ପରିମାଣର ପ୍ରୋଟିନ ଥାଏ, ଯାହା ଶରୀର ପାଇଁ ଲାଭଦାୟକ। ସ୍ୱାଦିଷ୍ଟ ହେବା ସହିତ, ଏହା ଓଜନ ପରିଚାଳନାରେ ମଧ୍ୟ ସାହାଯ୍ୟ କରେ। ମଟର ଉପମା ଏକ ସାଧାରଣ ଖାଦ୍ୟ ନୁହେଁ, କିନ୍ତୁ ଏହା ଏକ ଉତ୍ତମ ରାତ୍ରିଭୋଜନ ଖାଦ୍ୟ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ କ ଏବଂ ଉ, ଫୋଲେଟ ଏବଂ ପ୍ରୋଟିନ ଭରପୂର। ଏହା କେବଳ ପୁଷ୍ଟିକର ନୁହେଁ ବରଂ ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ। ଦହିକୁ ପେଟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ହଜମକୁ ଉନ୍ନତ କରେ ଏବଂ ପେଟକୁ ଶାନ୍ତ କରେ। ରାତିରେ ଦହିରେ ଚିନି ମିଶାଇବା ପରିହାର କରନ୍ତୁ। ଉତ୍ତମ ସ୍ୱାଦ ପାଇଁ, ଆପଣ ଟିକେ କଳା ଲୁଣ ଏବଂ ଗୋଲମରିଚ ମିଶାଇ ପାରିବେ।

# ପ୍ରତିଦିନ ଖାଆନ୍ତୁ ଦୁଇ ପାଖୁଡା ରସୁଣ, ରକ୍ତଚାପ ନିୟନ୍ତ୍ରଣ ରହିବ

ରସୁଣରେ ଆଲିସିନ୍, ମାଙ୍ଗାନିଜ୍, ଭିଟାମିନ୍ ବି୬, ଭିଟାମିନ୍ ସି, ସେଲେନିୟମ୍, ଫାଇବର, କ୍ୟାଲସିୟମ୍, ପୋଟାସିୟମ୍, ଆଇରନ୍ ଏବଂ କପର ସମେତ ଅନେକ ପୁଷ୍ଟିକର ତତ୍ତ୍ୱ ଯଥେଷ୍ଟ ପରିମାଣରେ ଥାଏ । ରସୁଣକୁ ପୁଷ୍ଟିକର ତତ୍ତ୍ୱର ଏକ ଶକ୍ତିଗୃହ ଭାବରେ ବିବେଚନା କରାଯାଏ । ରସୁଣକୁ ଖାଦ୍ୟରେ ସଠିକ୍ ମାତ୍ରାରେ ବ୍ୟବାହର କରିଲେ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ । ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ ??କରିବା ପାଇଁ ପ୍ରତିଦିନ ଦୁଇଟି ରସୁଣ ପାଖୁଡା ଖାଇପାରିବେ । ସର୍ବୋତ୍ତମ ଫଳାଫଳ ପାଇଁ ପୁଷ୍ଟିକର ରସୁଣକୁ କଞ୍ଚା କିମ୍ବା ହାଲୁକା ରନ୍ଧା କରି ଖାଇପାରିବେ।

ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ରସୁଣ ପାଖୁଡାକୁ ଆପଣଙ୍କ ଖାଦ୍ୟରେ ସାମିଲ କରାଯାଇପାରିବ । ଏହା ବ୍ୟତୀତ, ରସୁଣ ପାଖୁଡା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ । ସାମଗ୍ରିକ ଭାବରେ, ରସୁଣରେ ଥିବା ଯୌଗିକଗୁଡ଼ିକ ହୃଦୟ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ରସୁଣ ଅନ୍ତନଳୀ ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ମଧ୍ୟ ପ୍ରଭାବଶାଳୀ ହୋଇପାରେ ।

ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ କରିବା ପାଇଁ ରସୁଣ ପାଖୁଡା ଖାଇବାକୁ ପରାମର୍ଶ ଦିଆଯାଏ। ସର୍ବୋତ୍ତମ ଫଳାଫଳ ପାଇଁ, ସକାଳେ ଖାଲି ପେଟରେ ଏକ କଞ୍ଚା ରସୁଣ ପାଖୁଡା ଚୋବାନ୍ତୁ । କିନ୍ତୁ ଏହାଠାରୁ ଅଧିକ ଖାଇଲେ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇବା ପରିବର୍ତ୍ତେ ନକାରାତ୍ମକ ପ୍ରଭାବ ପକାଇପାରେ।



# ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ



ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ହେଉଛି ହୃତ୍‌ପିଣ୍ଡ। ଏହା ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲସ୍ ପ୍ରେସର (ନାଡି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଏହାର ପ୍ରମୁଖ କାରଣ। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକ ପଡ଼ିଥାଏ।

# ଘର ଭିତରେ ଲୁଗା ଶୁଖାଉଛନ୍ତି କି ?



ଲୁଗା ସଫା କରି ଘର ଭିତରେ ଶୁଖାଇବା ବେଳେବେଳେ ସୁବିଧାଜନକ ମନେ ହୋଇଥାଏ, କିନ୍ତୁ ଆପଣଙ୍କ ଘର ଓ ସ୍ୱାସ୍ଥ୍ୟ ଉପରେ ଏହା ନାନା ନକାରାତ୍ମକ ପ୍ରଭାବ ପକାଇଥାଏ। ଏହାର କାରଣ ହେଲା ଓଦା ଲୁଗା ଶୁଖାଇବା ଦ୍ୱାରା ଘର ଭିତରର ବାୟୁରେ ଆର୍ଦ୍ରତା ବଢ଼ିଯାଏ। ବାୟୁ ଚଳାଚଳ ପାଇଁ ଭଲ ସୁବିଧା ନଥିଲେ ଆର୍ଦ୍ରତା ବାହାରକୁ ବାହାରିପାରେ ନାହିଁ ଏବଂ ଘରର କାନ୍ଥ, ଛାତ ଓ ଆସବାବପତ୍ରରେ ଲାଖିରହେ। ସମୟକ୍ରମେ ସେହି ଆର୍ଦ୍ର ପୃଷ୍ଠରେ ଫିମ୍ପି ବିସ୍ତାର ଲାଭ କରନ୍ତି ଏବଂ ସେଗୁଡ଼ିକୁ ଶୀଘ୍ର ନଷ୍ଟ କରିଦିଅନ୍ତି।

ଫିମ୍ପିର ବୀଜାଣୁଗୁଡ଼ିକ ବାସଗୃହର ବାୟୁରେ ଭାସମାନ ରହି ବାୟୁର ଗୁଣବତ୍ତାକୁ ଖରାପ କରିଦିଅନ୍ତି। ଏହି ବୀଜାଣୁ ଆଖି, ନାକ ଓ ଗଳାରେ ସମସ୍ୟା ସୃଷ୍ଟି କରିପାରେ। ଆଲର୍ଜି, ଶ୍ୱାସରୋଗ ଓ ଅନ୍ୟାନ୍ୟ ଶ୍ୱାସକ୍ରିୟା ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଫିମ୍ପି ସଂସ୍ପର୍ଶରେ ଆସିବା ଦ୍ୱାରା ସମସ୍ୟା ବୃଦ୍ଧି ପାଇଥାଏ। ସୁସ୍ଥ ବ୍ୟକ୍ତିମାନେ ମଧ୍ୟ ଦୀର୍ଘ ସମୟ ଧରି ଆର୍ଦ୍ର ବାୟୁରେ ଶ୍ୱାସକ୍ରିୟା କଲେ କାଶ ଓ ଅସୁସ୍ଥତା ଅନୁଭବ ହୋଇଥାଏ। ଘରେ ଲୁଗା ଶୁଖାଇବାର କୌଣସି ବିକଳ୍ପ ନ ଥିବା ସମୟରେ ସତର୍କତା ଅବଲମ୍ବନ କରି ବିପଦକୁ ହ୍ରାସ କରିହେବ- ଘରେ ଲୁଗା ଶୁଖାଇବା ବେଳେ ସବୁ ଝରକା ଖୋଲିଦିଅନ୍ତୁ ଏବଂ ଫ୍ୟାନ ବ୍ୟବହାର କରନ୍ତୁ। ଘର ଭିତରେ ଡିହ୍ୟୁମିଡିଫାୟର ଅଥବା ଏଆର ପ୍ୟୁରିଫାୟର ଲଗାନ୍ତୁ। ଶୋଇବା ବେଳେ କୋଠରିରେ ଲୁଗା ଶୁଖାନ୍ତୁ ନାହିଁ। ଆର୍ଦ୍ରତା ନିଷ୍କାସନ ପାଇଁ ଘରର କବାଟ ମଧ୍ୟ ଖୋଲା ରଖନ୍ତୁ।

# ଅତ୍ୟଧିକ ଗ୍ୟାସ୍ଟ୍ରିକ୍ ହୋଇପାରେ ମୃତ୍ୟୁର କାରଣ

ଦିନକୁ ଦିନ ଗ୍ୟାସ୍ଟ୍ରିକ୍ ସମସ୍ୟା ବଢ଼ିବାକୁ ଲାଗିଲାଣି। ଏହାର ମୂଳ କାରଣ କ'ଣ ? ଆମ ରାଜ୍ୟରେ ତିନିଟି ପ୍ରମୁଖ କାରଣ ପାଇଁ ଗ୍ୟାସ୍ଟ୍ରିକ୍ ସମସ୍ୟା ବଢ଼ିବାରେ ଲାଗିଛି। ଦୂଷିତ ଖାଦ୍ୟପଦାର୍ଥ ଓ ପାନୀୟ ଜଳ ଦ୍ୱାରା ଏହି ସମସ୍ୟା ବଢ଼ିଥାଏ। ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ହେଲିକୋବ୍ୟାକ୍ଟର ପାଇଲୋରି ଇନ୍‌ଫେକ୍ସନ୍‌ର ମାତ୍ରା ଅଧିକ ତେଣୁ ଏହି ସମସ୍ୟା ଆମ ରାଜ୍ୟରେ ଅଧିକ। ଅନ୍ୟ ଏକ ଦିଗ ହେଉଛି ଯେଉଁମାନେ ପେନ୍‌କିଲର ଅଧିକ ମାତ୍ରାରେ ଖାଉଛନ୍ତି ସେମାନଙ୍କଠାରେ ଗ୍ୟାସ୍ଟ୍ରିକ୍ ସମସ୍ୟା ଅଧିକ ଦେଖାଯାଉଛି। ତମାଖୁ ସେବନ ଓ ଫାଷ୍ଟ୍‌ଫୁଡ୍ ଖାଇବା ଦ୍ୱାରା ମଧ୍ୟ ଗ୍ୟାସ୍ଟ୍ରିକ୍ ହୋଇଥାଏ।

ଗ୍ୟାସ୍ଟ୍ରିକ୍ ସମସ୍ୟାର ସାଧାରଣ ଲକ୍ଷଣଗୁଡ଼ିକ କ'ଣ ? ଅଳ୍ପ ଖାଇବା ପରେ ପେଟ ପୂରିବା ଭଳି ଲାଗିବା, ପେଟ ଫୁଲି ରହିବା, ଶରୀର ଓଜନ ଲାଗିବା, ଜଳାପୋଡ଼ା ଲାଗିବା, ଆମ୍ଳିଳା ହାକୁଟି ଆଦି ଗ୍ୟାସ୍ଟ୍ରିକ୍ ହେବାର ଲକ୍ଷଣ। ଯଦି ଅଧିକ ହୋଇ ଅଲସର ହୋଇଯାଏ ତେବେ କଳା ଝାଡ଼ା, ରକ୍ତବାନ୍ତି ଓ କ୍ୟାନ୍‌ସର ହୋଇପାରେ।

ଏହି ସମସ୍ୟା ଯୋଗୁଁ କେଉଁ କେଉଁ ରୋଗ ହେବାର ଆଶଙ୍କା ରହିଛି ? ପାକସ୍ଥଳୀରେ ଘା ହେବା, ଅନ୍ତନଳୀରେ ଘା ହୋଇଯିବାର ଆଶଙ୍କା ରହିଛି। କ୍ୟାନ୍‌ସର ହେବାର ଆଶଙ୍କା ମଧ୍ୟ ଅଛି।

ଅତ୍ୟଧିକ ଗ୍ୟାସ୍ଟ୍ରିକ୍ ହେବା ଜୀବନ ପ୍ରତି ବିପଜ୍ଜନକ କି ? ନିଶ୍ଚିତ ଭାବରେ। ହାଲୁକା ପରିମାଣରେ ଗ୍ୟାସ୍ ହୋଇଗଲେ ଏହାକୁ ଭଲ କରି ହୁଏ। କିନ୍ତୁ ଏହାର ମାତ୍ରା ଅଧିକ ହୋଇଗଲେ ଗ୍ୟାସ୍ଟ୍ରିକ୍ କ୍ୟାନ୍‌ସର, ଅନ୍ତନଳୀରେ କଣା ହୋଇଯାଏ ଯାହାଦ୍ୱାରା ରୋଗୀଟି ଦୁର୍ବଳ ହୋଇ ମୃତ୍ୟୁ ମୁଖରେ ପଡ଼ିପାରେ।

ଗ୍ୟାସ୍ଟ୍ରିକ୍ ସମସ୍ୟାର ଘରୋଇ ଉପଚାର କ'ଣ ରହିଛି ? ସନ୍ତୁଳିତ ଖାଦ୍ୟ ଖାଇବା, ବ୍ୟାୟାମ କରିବା, ସ୍ୱଚ୍ଛ ପାନୀୟ ଜଳ ପିଇବା, ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ନାହିଁ ଏବଂ ତମାଖୁ ସେବନରୁ ନିଜକୁ ଦୂରେଇ ରଖିବା ଭଳି ପଦକ୍ଷେପ ଲାଭଦାୟକ।

# ଆଉ ଏକ ମହାମାରୀ ଆସିବା ପ୍ରାୟ ସୁନିଶ୍ଚିତ !



ଆଉ ଏକ ମହାମାରୀ ଆସିବା ପ୍ରାୟ ସୁନିଶ୍ଚିତ ! ପଦା ହେଉଥିବା ଅରଣ୍ୟ, ଉପେକ୍ଷିତ ଆମିଷ ବଜାର ଏବଂ ଅବଜ୍ଞା କରାଯାଉଥିବା ସାବଧାନତା ଭିତରେ ଆଉ ଗୋଟାଏ ବୈଶ୍ୱିକ ମହାମାରୀ ମଥା ଟେକୁଥିବା କଥା ବିଶ୍ୱର ଅନ୍ୟତମ ମର୍ଯ୍ୟାଦାଜନକ ସ୍ୱାସ୍ଥ୍ୟ ପତ୍ରିକା 'ଦି ଲାନ୍‌ସେଟ୍'ର ସମ୍ପାଦକ କହିଛନ୍ତି। ତାଙ୍କର ଏ ଚେତାବନୀ ଉକ୍ତ ଅନାଗତ ସ୍ୱାସ୍ଥ୍ୟ ସଙ୍କଟ ମୁକାବିଲା ନିମନ୍ତେ ବିଶ୍ୱବାସୀଙ୍କ ପ୍ରସ୍ତୁତି ବିଷୟକ ଚିନ୍ତା ପୁନଃ ଜାଗ୍ରତ କରିଛି। ଅଗ୍ରଣୀ ମେଡିକାଲ୍ ଜର୍ଣ୍ଣାଲ୍ 'ଦି ଲାନ୍‌ସେଟ୍'ର ମୁଖ୍ୟ ସମ୍ପାଦକ ଡକ୍ଟର ରିଚାର୍ଡ ହର୍ଟନ୍ କହିଛନ୍ତି ଯେ ମାନବକୃତ ଅବିରତ ପରିବେଶ ଧ୍ୱଂସ ଯୋଗୁଁ ମନୁଷ୍ୟ ଓ ଜୀବଜନ୍ତୁ ପାରସ୍ପରିକ ସଂସର୍ଗରେ ଆସୁଛନ୍ତି। ତେଣୁ, ଆଉ ଗୋଟାଏ ମହାମାରୀ ଆସିବା ପ୍ରାୟ ଅବଶ୍ୟମ୍ଭାବୀ।

ଆଗାମୀ ବର୍ଷମାନଙ୍କରେ ୨୫ ନିୟୁତ ମୃତ୍ୟୁ ଘଟାଇବା ଭଳି ଅତି ଭୟାବହ ମହାମାରୀ ଆସିବାର ୪୮% ଆଶଙ୍କା ଅଛି ଏବଂ ପରବର୍ତ୍ତୀ ଦଶନ୍ଧିରେ କୋଭିଡ୍-ସଦୃଶ ଗୋଟାଏ ମହାମାରୀ ବ୍ୟାପିବାର ୨୩% ଆଶଙ୍କା ରହିଛି ବୋଲି 'ଲାନ୍‌ସେଟ୍' ରିପୋର୍ଟ ଦେବାର ପ୍ରାୟ ବର୍ଷକ ପରେ ଡକ୍ଟର ହର୍ଟନ୍ ଏତାଦୃଶ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ''ଆଗାମୀ ୨୦ ବର୍ଷ ମଧ୍ୟରେ ଆଉ ଗୋଟାଏ ମହାମାରୀ ନିମନ୍ତେ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଲାଗି ମନୁଷ୍ୟ ଜାତି ପୃଥିବୀର ଯଥେଚ୍ଛା ଧ୍ୱଂସ ସାଧନ କରୁଛି, ମହାମାରୀ ଆସିବା ପ୍ରାୟ ଅବଶ୍ୟମ୍ଭାବୀ।''

ସତତ ଅରଣ୍ୟ ଧ୍ୱଂସ, ଦ୍ରୁତ ସହରାଞ୍ଚଳ ସମ୍ପ୍ରସାରଣ, ଜଳବାୟୁ ପରିବର୍ତ୍ତନ ଓ ଅନିୟନ୍ତ୍ରିତ ପ୍ରାଣୀ-ମନୁଷ୍ୟ ସଂସର୍ଗ ହିଁ ମନୁଷ୍ୟକୁ ମାରାତ୍ମକ ଅଣୁଜୀବର ନିକଟତର କରାଉଛି। ପୂର୍ବରୁ ଏ ଅଣୁଜୀବ ସବୁ କେବଳ ଜୀବଜନ୍ତୁଙ୍କ ମଧ୍ୟରେ ବ୍ୟାପୁଥିଲେ। ପରିସଂସ୍ଥାନ ଭୁଶୁଡ଼ି ପଡୁଥିବାରୁ ଜୀବଜନ୍ତୁମାନେ ମନୁଷ୍ୟ ନିବାସ ଅଞ୍ଚଳ ନିକଟରେ ବିଚରଣ କରିବାକୁ ବାଧ୍ୟ ହେଉଛନ୍ତି। ଫଳତଃ, ସେମାନଙ୍କ ଶରୀରରୁ ଅଣୁଜୀବ ମନୁଷ୍ୟ ଶରୀରକୁ ବ୍ୟାପିବାର ଆଶଙ୍କା ବୃଦ୍ଧି ପାଉଛି। ଜୀବଜନ୍ତୁଙ୍କ ଶରୀରରେ ସୃଷ୍ଟି ହେଉଥିବା ଏଭଳି କେତେକ ଅଣୁଜୀବ ବହୁ ମାତ୍ରାରେ ମନୁଷ୍ୟ ଏବଂ ଅନ୍ୟାନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଶରୀରରେ ପ୍ରବେଶ କରିଥିବା କଥା ସାରା ବିଶ୍ୱର ବୈଜ୍ଞାନିକମାନେ ଦେଖିସାରିଲେଣି। ପରିସଂସ୍ଥାନ ପ୍ରତିକୂଳତା ହେତୁ ଏ ଧରଣର ଅଣୁଜୀବମାନେ ମନୁଷ୍ୟ ଶରୀରରେ ପ୍ରବେଶ କରି ଅପେକ୍ଷାକୃତ ଦ୍ରୁତ ବିବର୍ତ୍ତିତ ହେଉଛନ୍ତି।

ବିପଜ୍ଜନକ ବଜାର ଓ କଂସେଇଖାନା ଭୂତାଣୁ ବ୍ୟାପିବାର ପ୍ରମୁଖ କାରଣ ବୋଲି ଡାକ୍ତର ହର୍ଟନ୍ ଦର୍ଶାଇଛନ୍ତି। ସେ କହିଛନ୍ତି, ଅନେକ ଦେଶରେ କଂସେଇଖାନା ସବୁ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ଏବଂ ଖାଉଟିମାନଙ୍କ ନିମନ୍ତେ ଉନ୍ମୁକ୍ତ ଥିବା ବଜାର ନିକଟରେ ଚାଲିଛି। ଜନାକୀର୍ଣ୍ଣ ସ୍ଥାନରେ ପ୍ରାଣୀମାନଙ୍କୁ ମରାଯାଉଛି। ସେମାନଙ୍କ ମାଂସ ମଧ୍ୟ ଘୋଡ଼ାଇ ରଖାଯାଉନାହିଁ। ସେଥିରେ ଅସୁମାରି ମାଛି ବସୁଛନ୍ତି। ସେଠାରୁ ମାଂସ ଯାଇ ଅତି ଅସୁରକ୍ଷିତ ଅବସ୍ଥାରେ ବାଟଘାଟରେ ବିକ୍ରୟ କରାଯାଉଛି। ଠିକ୍ ଏଭଳି ପରିସ୍ଥିତିରେ ହିଁ ଗୋଟାଏ ଗୁଣସୂତ୍ର ପରିବର୍ତ୍ତିତ ଭୂତାଣୁ ପ୍ରାଣୀ ଶରୀରରୁ ମନୁଷ୍ୟ ଶରୀରରେ ପ୍ରବେଶ କରେ। ଯଦି ଏଭଳି ଗୋଟାଏ ଭୂତାଣୁ ଶ୍ୱାସପ୍ରଶ୍ୱାସ ପଥ ମଧ୍ୟରେ ପରିବ୍ୟାପ୍ତ ହେବାକୁ ସମର୍ଥ ହୁଏ, ତଜ୍ଜନିତ ପରିଣାମ ପ୍ରଳୟଙ୍କରୀ ହୋଇପାରେ।

'କୋଭିଡ୍-୧୯' ଭୂତାଣୁ ଠାରୁ ବଳି ଏହାର ଭୟାବହ ଦୃଷ୍ଟାନ୍ତ ଆଉ କ'ଣ ଥାଇପାରେ। ଉପରୋକ୍ତ ବଜାର ଭଳି କୌଣସି ଏକ ଅସ୍ୱାସ୍ଥ୍ୟକର ସ୍ଥାନରୁ ଉତ୍ପନ୍ନ 'ସାର୍ସ-କୋଭ୍-୨' ଭୂତାଣୁ 'କୋଭିଡ୍' ସୃଷ୍ଟିକାରୀ ବୋଲି ପ୍ରମାଣରହିତ ଦାବି କରାଯାଇଥିଲା। ସେ ଯେଉଁଠୁ ଉତ୍ପତ୍ତି ହୋଇଥାଉ ନା କାହିଁକି- ଯେତେ ଦ୍ରୁତ ଗତିରେ ସେ ଭୂତାଣୁ ସମଗ୍ର ବିଶ୍ୱରେ ବ୍ୟାପିଗଲା ତାହା ନିଶ୍ଚୟ ବିସ୍ମୟକର।

# ଘରର ଛାତ ଉପରେ ରଖନ୍ତୁନି ଏପରି ଜିନିଷ: ହୋଇପାରେ ବଡ଼ କ୍ଷତି

ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ଛାତ ଉପରେ କିଛି ଜିନିଷ ରଖିବା ବର୍ଜିତ। କାହିଁକି ନା ଏହାଦ୍ୱାରା ବାସ୍ତୁଦୋଷ ଲାଗିଥାଏ। ବାସ୍ତୁଶାସ୍ତ୍ର ଅନୁଯାୟୀ ଅନାବଶ୍ୟକ ସାମଗ୍ରୀ ରଖିବା ଦ୍ୱାରା ଘରେ ନକାରାତ୍ମକ ପ୍ରଭାବ ବଢ଼ିଥାଏ। ଏହାଦ୍ୱାରା ଘରର ଅନ୍ୟ ସଦସ୍ୟଙ୍କ ପ୍ରଭାବ ପଡ଼ିଥାଏ। ଏଥିପାଇଁ ଘରର ଛାତ ଉପରକୁ ସବୁବେଳେ ସଫାସୁତୁରା ରଖିବା ଆବଶ୍ୟକ।

ଘରର ଛାତ ଉପରେ ଭଙ୍ଗା ବାସନ ରଖିବା ଦ୍ୱାରା ଅଶୁଭ ମନାଯାଏ। ଏହାଦ୍ୱାରା ଘରେ ନକାରାତ୍ମକ ଶକ୍ତିର ପ୍ରବେଶ ଘଟେ। ଫଳରେ ଘରେ ରହୁଥିବା ସଦସ୍ୟଙ୍କଠାରେ ଅନେକ ସମସ୍ୟା ଦେଖିବାକୁ ମିଳିଥାଏ। ଘରର ଛାତ ଉପରେ ପୁରୁଣା ଜୋତା ରଖିବା ଦ୍ୱାରା ଅଶୁଭ ହୋଇଥାଏ। ପୁରୁଣା ଜୋତା ରଖିବା ଦ୍ୱାରା ଘରର ସଦସ୍ୟଙ୍କ ପ୍ରଗତି ଏବଂ ସଫଳତାରେ ବାଧା ଦେଖିବାକୁ ମିଳିଥାଏ। ଘରର ଛାତ ଉପରେ ଭଙ୍ଗା କବାଟ ରଖିବା ବି ବାସ୍ତୁଦୋଷର କାରଣ ହୋଇଥାଏ। ଏହାଦ୍ୱାରା ଘରେ ସ୍ୱାସ୍ଥ୍ୟ ସମସ୍ୟା ସମୃଦ୍ଧିରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଛାତ ଉପରେ କଣ୍ଟା ଜାତୀୟ ଗଛ ରଖିବା ଅଶୁଭ। ଏହାକୁ ରଖିବା ଦ୍ୱାରା ଘର ସଦସ୍ୟଙ୍କ ସମ୍ପର୍କରେ ତିକ୍ତତା ଦେଖିବାକୁ ମିଳିଥାଏ।



# କାନ ପାଇଁ ସଂକଳ୍ପ



ସମସ୍ତେ ନୂଆ ବର୍ଷରେ ସକାରାତ୍ମକ ସଂକଳ୍ପ କରନ୍ତି। ଏହି ସଂକଳ୍ପରେ ଶ୍ରବଣ ଶକ୍ତିକୁ ସାମିଲ କରିବା ଖୁବ୍ ସହଜ। ଶ୍ରବଣ ଶକ୍ତିକୁ ବଜାୟ ରଖିବା ପାଇଁ କାନକୁ ସଫା ଓ ସୁସ୍ଥ ରଖିବା ଦିଗରେ ସହାୟକ କେତେକ ସଂକଳ୍ପ ବିଷୟରେ ଜାଣିବା।

କିଛି ବର୍ଷରେ ଶ୍ରବଣ ଯନ୍ତ୍ରର ପ୍ରଯୁକ୍ତି ବହୁ ଅଗ୍ରଗତି କଲାଣି। ତେଣୁ ପୁରୁଣା ଶ୍ରବଣ ଯନ୍ତ୍ରକୁ ଏ ବର୍ଷ ବଦଳାନ୍ତୁ। 'ଅଡିକୋନ୍' ପରି କ୍ଲିନିକ୍‌ରେ ମିଳୁଥିବା ଅତ୍ୟାଧୁନିକ ଶ୍ରବଣ ଯନ୍ତ୍ରରେ ବ୍ଲୁଟୁଥ ସଂଯୋଗ, ରିଚାର୍ଜ ସୁବିଧା, ଏଆଇ ନଏଜ୍ କ୍ୟାନ୍‌ସଲେସନ୍ ପରି ବୈଶିଷ୍ଟ୍ୟ ରହିଛି। ଆଜିକାଲି ଶବ୍ଦ ପ୍ରଦୂଷଣ ଜୀବନର ଏକ ଅପରିହାର୍ଯ୍ୟ ଅଂଶ ହୋଇଯାଇଛି। ଏଥିରୁ ବର୍ତ୍ତିବା ଲାଗି ସଂକଳ୍ପ ନେଇପାରିବେ, ଯାହା କାନକୁ ଦୀର୍ଘସ୍ଥାୟୀ କ୍ଷତିରୁ ରକ୍ଷା କରିବ। କନ୍‌ସର୍ଟରେ ଯୋଗ ଦେବା ଓ ତୀବ୍ର ଶବ୍ଦ ସୃଷ୍ଟିକାରୀ ଯନ୍ତ୍ର ବ୍ୟବହାର ସମୟରେ କାନରେ ଇଅରପ୍ଲଗ୍ ଲଗାନ୍ତୁ।

ଶ୍ରବଣର '୬୦/୬୦ ନିୟମ' ଅନୁସରଣ କରିବାର ସଂକଳ୍ପ କରନ୍ତୁ। ଏହି ନିୟମ ଅନୁସାରେ ୬୦ ମିନିଟ୍‌ରୁ ଅଧିକ ଲଗାତାର କୌଣସି ଧ୍ୱନି ଶୁଣନ୍ତୁ ନାହିଁ ଏବଂ ଭଲ୍ୟୁମ୍‌କୁ ୬୦%ରୁ କମ୍ ରଖନ୍ତୁ। କାନକୁ ପର୍ଯ୍ୟାପ୍ତ ବିଶ୍ରାମ ଦେବା ପାଇଁ ଅଧିକ ଶବ୍ଦ ହେଉଥିବା ସ୍ଥାନରୁ ବାହାରି ଘଣ୍ଟାକୁ ଅନ୍ୟୂନ ୧୦ ମିନିଟ୍ ଶାନ୍ତ ପରିବେଶରେ କାଟନ୍ତୁ। କାନରୁ ଗଇ କାଢ଼ିବା ପାଇଁ ସୁରକ୍ଷିତ ଡାକ୍ତରୀ ଉପାୟ ଅଛି। ପ୍ରତିଜ୍ଞା କରନ୍ତୁ ଯେ କାନରେ କଟନ୍ ସ୍ୱାବ୍, ଦିଆସିଲି କାଠି, ସେଫ୍‌ଟି ପିନ୍ ଆଦି ପୂରାଇବେ ନାହିଁ। ବର୍ଷକୁ ଥରେ ନିଜର ଶ୍ରବଣ ଶକ୍ତି ପରୀକ୍ଷା କରାଇବା ସହିତ ବନ୍ଧୁପରିଜନଙ୍କୁ ମଧ୍ୟ କାନ ପରୀକ୍ଷା କରାଇବା ପାଇଁ ପ୍ରୋତ୍ସାହିତ କରନ୍ତୁ। ଶ୍ରବଣ ସମସ୍ୟା ଲକ୍ଷ୍ୟ କଲା ମାତ୍ରେ ଅଡିଓଲୋଜିଷ୍ଟଙ୍କୁ ଦେଖାଇବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କାରଣ ପ୍ରତିଷେଧକ ଚିକିତ୍ସା ଠାରୁ ଶ୍ରେୟସ୍କର। ଏଥିସହିତ ଶ୍ରବଣ ଶକ୍ତିକୁ ପ୍ରଭାବିତ କରୁଥିବା ଧୂମପାନ ଅଭ୍ୟାସ ଛାଡ଼ିବା, ଇଅରଫୋନ୍‌ର ବ୍ୟବହାର କମାଇବା ଗୋଟିଏ ଗୋଟିଏ ଲାଭଦାୟକ ସଂକଳ୍ପ।

# କାନାଡ଼ାକୁ ହରାଇ ସୁପର-୮ରେ ନ୍ୟୁଜିଲାଣ୍ଡ

**ଚେନ୍ନାଇ**




ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଲଗାତାର ଦୁଇଦିନରେ ଦୁଇଟି ବ୍ୟକ୍ତିଗତ ଶତକ ଦେଖିବାକୁ ମିଳିଛି। ସୋମବାର ଶ୍ରୀଲଙ୍କାର ପଥୁମ ନିଶଙ୍କଙ୍କ ଶତକ ପରେ ମଙ୍ଗଳବାର କାନାଡ଼ାର ଯୁବରାଜ ସମରା ଏକ ବିସ୍ଫୋରକ ଶତକ ଅର୍ଜନ କରିଛନ୍ତି। ତେବେ ଏହି ଶତକ ସତ୍ତ୍ୱେ ସେ ନିଜ ଦଳକୁ ପରାଜୟକୁ ବଞ୍ଚାଇ ପାରି ନ ଥିଲେ। କାନାଡା ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ମାତ୍ର ୧୫.୧ ଓଭରରେ ହାସଲ କରି ସୁପର-୮ରେ ନିଜର ସ୍ଥାନ ସୁନିଶ୍ଚିତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କାନାଡ଼ା ଦୁଇ ଓପନର ଯୁବରାଜ (୬୫ ବଲରୁ ୧୧୦, ୬ ଛକା, ୧୧ ଚୌକା) ଓ ଦିଲପ୍ରିତ୍ ବାଜୱା (୩୯ ବଲ୍‌ରୁ ୩୬)ଙ୍କ ଶତକୀୟ ଭାଗୀଦର ବଳରେ ୧୭୩/୪ ଭଳି ଏକ ଆହ୍ୱାନଭରା ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଏହାର ଜବାବରେ ନ୍ୟୁଜିଲାଣ୍ଡ ୩୦ ରନ୍‌ରେ ୨ଟି ୱିକେଟ୍ ହରାଇଥିଲେ ବି ଗ୍ଲେନ୍ ଫିଲିପ୍ସ (୩୬ ବଲ୍‌ରୁ ୭୬) ଓ ରାଚିନ୍ ରବୀନ୍ଦ୍ର (୩୯ ବଲ୍‌ରୁ ୫୯)ଙ୍କ ୧୪୬ ରନ୍‌ର ଭାଗୀଦାର ବଳରେ ୨୯ଟି ବଲ୍ ବାକି ଥାଇ ନିଜର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। କାନାଡା ପକ୍ଷରୁ ସାଦ୍ ବିନ୍ ଜାଫର ଓ ଡାଇଲନ୍ ହେଲିଗର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଗ୍ଲେନ୍ ଫିଲିପ୍ସ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଟି-୨୦ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ ଆଉଟ୍

## ବର୍ଷା ସାଜିଲା ବାଧକ, ସୁପର-୮ରେ ଜିମ୍ବାୱେ

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପାଲେକେଲେରେ ଜିମ୍ବାୱେ ଏବଂ ଆୟରଲାଣ୍ଡ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ଫଳରେ ପୂର୍ବତନ ଚାମ୍ପିୟନ ଅଷ୍ଟ୍ରେଲିଆ ବିଶ୍ୱକପ୍ ଦୌଡ଼ରୁ ବାହାର ହୋଇଯାଇଛି। ମ୍ୟାଚ୍ ବାତିଲ ହେବାରୁ ଜିମ୍ବାୱେକୁ ୧ ପଏଣ୍ଟ ମିଳିଛି, ଯାହା ସେମାନଙ୍କୁ ସୁପର-୮ ପର୍ଯ୍ୟାୟକୁ ନେଇଯାଇଛି।



୨୦୨୧ ବିଶ୍ୱ ବିଜେତା ଅଷ୍ଟ୍ରେଲିଆ ଟିମ୍ ୧୭ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଟି-୨୦ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଛି। ୩ଟି ମ୍ୟାଚ୍‌ରୁ ୨ଟିରେ ପରାଜୟ ବରଣ କରିଥିବା ଅଷ୍ଟ୍ରେଲିଆ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନିର୍ଭର କରୁଥିଲା। ମାତ୍ର ମଙ୍ଗଳବାରର ମ୍ୟାଚ୍ ବାତିଲ ହେବା ପରେ ଜିମ୍ବାୱେ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଫଳରେ ଅଷ୍ଟ୍ରେଲିଆ ନିଜର ଶେଷ ମ୍ୟାଚ୍ ଜିତିଲେ ମଧ୍ୟ ସର୍ବାଧିକ ୪ ପଏଣ୍ଟ ପାଇବ, ଯାହା ସେମାନଙ୍କୁ ସୁପର-୮କୁ ନେବା ପାଇଁ ଯଥେଷ୍ଟ ନୁହେଁ।

୨୦୨୪ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିବା ସିକନ୍ଦର ରଜାଙ୍କ ଜିମ୍ବାୱେ ଦଳ ଚଳିତ ବର୍ଷ ଶକ୍ତିଶାଳୀ ପ୍ରଦର୍ଶନ କରିଛି। ଗ୍ରୁପ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆକୁ ୨୩ ରନ୍‌ରେ ପରାସ୍ତ କରିବା ଏହି ଦଳ ପାଇଁ ଟର୍ଣ୍ଣିଂ ପଏଣ୍ଟ ସାଜିଥିଲା। ଏବେ ଶ୍ରୀଲଙ୍କା ସହ ଜିମ୍ବାୱେ ଗ୍ରୁପ୍-ବି'ରୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।

ପାଲେକେଲେରେ ପ୍ରବଳ ବର୍ଷା ଯୋଗୁଁ ଟସ୍ ମଧ୍ୟ ପଡ଼ିପାରିନଥିଲା। ଅମ୍ପାୟାରମାନେ ବହୁ ସମୟ ଅପେକ୍ଷା କରିବା ପରେ ସ୍ଥାନୀୟ ସମୟ ସନ୍ଧ୍ୟା ୫:୩୦ରେ ମ୍ୟାଚ୍‌କୁ ଆନୁଷ୍ଠାନିକ ଭାବେ ବାତିଲ ଘୋଷଣା କରିଥିଲେ। ଏହି ଫଳାଫଳ ପରେ ଅଷ୍ଟ୍ରେଲିଆ ସହ ଆୟରଲାଣ୍ଡ ଏବଂ ଓମାନ ମଧ୍ୟ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

ଆସନ୍ତା ଫେବୃୟାରୀ ୧୯ରେ ଜିମ୍ବାୱେ ଏବଂ ଆୟୋଜକ ଶ୍ରୀଲଙ୍କା ମଧ୍ୟରେ ଗ୍ରୁପ୍‌ର ଶେଷ ମ୍ୟାଚ୍ ଖେଳାଯିବ, ଯେଉଁଥିରେ ଗ୍ରୁପ୍ ଟପ୍ପର ନିଷ୍ପତ୍ତି ହେବ।

# ୨୦୨୬ରେ ଅଭିଷେକ ଶର୍ମାଙ୍କ ପିଛା ଛାଡୁନି 'ଶୂନ୍ୟ'

**ନୂଆଦିଲ୍ଲୀ**



ଟି-ଟ୍ୱେଣ୍ଟି ବିଶ୍ୱକପରେ ଭାରତ ବ୍ୟାକ୍ ଟୁ ବ୍ୟାକ୍ ୩ଟି ମ୍ୟାଚ୍ ଜିତି ସୁପର-୮ରେ ପ୍ରବେଶ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ଷ୍ଟାର ଓପନର ଅଭିଷେକ ଶର୍ମା ଖାତା ଖୋଲି ପାରିନାହାନ୍ତି। ୩ ମ୍ୟାଚ୍‌ରୁ ୨ଟି ଖେଳିଛନ୍ତି ଅଭିଷେକ। ହେଲେ ତାଙ୍କ ବ୍ୟାଟ ଶାନ୍ତ ଅଛି। ଦୁଇଟି ଯାକ ମ୍ୟାଚ୍‌ରେ ଶୂନ୍ୟରେ ଆଉଟ୍ ହୋଇଛନ୍ତି ଅଭିଷେକ। ଖାଲି ସେତିକି ନୁହେଁ ଗୋଟିଏ କ୍ୟାଲେଣ୍ଡ ଇୟରରେ ଟି-ଟ୍ୱେଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟରେ ସର୍ବାଧିକ ଥର ଶୂନ୍ୟରେ ଆଉଟ ହୋଇଥିବା ଭାରତର ଦ୍ୱିତୀୟ ବ୍ୟାଟର ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଆମେରିକା ଓ ଦ୍ୱିତୀୟରେ ପାକିସ୍ତାନ ବିପକ୍ଷରେ ନିରାଶ କରିଥିଲେ ଅଭିଷେକ। ପେଟ ସମସ୍ୟା ପାଇଁ ନାମିବିୟା ବିପକ୍ଷରେ ଖେଳିନଥିଲେ ଅଭିଷେକ।

ଅଭିଷେକ ଶର୍ମା ଏହା ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ ମ୍ୟାଚ ଟି-୨୦ ସିରିଜରେ ଦ୍ୱିତୀୟ ଏବଂ ଚତୁର୍ଥ ମ୍ୟାଚ୍‌ରେ ଖାତା ଖୋଲି ପାରିନଥିଲେ। ମୋଟ୍‌ରେ ଦେଖିବାକୁ ୨୦୨୬ରେ ୭ ମ୍ୟାଚ୍‌ରୁ ୪ଟି ମ୍ୟାଚରେ ଶୂନ୍ୟରେ ଆଉଟ୍ ହୋଇଛନ୍ତି ଅଭିଷେକ। ସଞ୍ଜୁ ସାମସନ ୨୦୨୫ରେ ୫ ଇନିଂସରେ ଖାତା ଖୋଲି ପାରିନଥିଲେ। ଅଭିଷେକ ୪ ପାଳିରେ ବିନା ରନରେ ପାଭିଲିୟନ ଫେରିଥିଲେ। ଲିଷ୍ଟର ତୃତୀୟ ସ୍ଥାନରେ ୟୁସୁଫ ପଠାନ, ରୋହିତ ଶର୍ମା, ବିରାଟ କୋହଲି ଏବଂ ସୂର୍ଯ୍ୟ କୁମାର ଯାଦବଙ୍କ ନାମ ରହିଛି। ୨୦୦୯ରେ ୟୁସୁଫ ପଠାଣ, ୨୦୨୨ ଏବଂ ୨୦୧୮ରେ ରୋହିତ, ୨୦୨୪ରେ ବିରାଟ ଏବଂ ୨୦୨୫ରେ ସୂର୍ଯ୍ୟକୁମାର ୩-୩ ଥର କ୍ୟାଲେଣ୍ଡ ଇୟରରେ ଶୂନ୍ୟରେ ଆଉଟ ହୋଇଛନ୍ତି।

ପେଟଜନିତ ସମସ୍ୟାରୁ ଆରୋଗ୍ୟ ହୋଇ ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଥିଲେ ଅଭିଷେକ ଶର୍ମା। କିନ୍ତୁ ନିରାଶ କରିଥିଲେ। ସେ ପ୍ରତିପକ୍ଷ ଅଧିନାୟକ ସଲମାନ ଆଘାଙ୍କ ୪ଟି ବଲ ଖେଳି ଥିଲେ। ହେଲେ ଖାତା ଖୋଲି ପାରିନପାରି ଆଉଟ ହୋଇଥିଲେ। ଏହା ପୂର୍ବରୁ ସେ ବିଶ୍ୱକପରେ ପ୍ରଥମ ମ୍ୟାଚ୍‌ରେ ଆମେରିକା ବିପକ୍ଷରେ ମଧ୍ୟ ପ୍ରଥମ ବଲରେ ଆଉଟ ହୋଇଥିଲେ। ଟି-୨୦ ବିଶ୍ୱକପରେ କ୍ରମାଗତ ୨ଟି ମ୍ୟାଚରେ ଶୂନ୍ୟରେ ଆଉଟ୍ ହେବାରେ ଅଭିଷେକ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ବାଂଲାଦେଶର ଇମ୍ରୁଲକାଏସ ଓ ଆଶିଷ ନେହେରାଙ୍କ କ୍ଲବରେ ସାମିଲ ହୋଇଛନ୍ତି।

## ଅଲ୍ ଇଣ୍ଡିଆ ରାମଧୂନ କପ୍ ଫୁଟବଲ୍

# ସେମିରେ କଟକ ମଙ୍ଗଳା କ୍ଲବ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୋନପୁର ଗାନ୍ଧି ଷ୍ଟାଡିୟମ୍ ଠାରେ ଆୟୋଜିତ ୧୭ତମ ସର୍ବ ଭାରତୀୟ ରାମଧୂନ୍ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳା କ୍ଲବ କଟକ ଓ ବରଗଡ଼ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ରେଣୁକା ସୁନା ଯୋଗଦେଇ ମଙ୍ଗଳବାରର ଖେଳକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କ ସହ ପରିଚୟ ପ୍ରଦାନ କରିଥିଲେ। ଭବ୍ୟ ଆୟୋଜନ ସହ ଉଚ୍ଚକୋଟୀର ଖେଳକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମଙ୍ଗଳା କ୍ଲବ କଟକ ଦଳର ଫ୍ରାଞ୍ଚାଇଜ୍ ଫିଟନେସ ଅମ୍ପାୟାରର ପ୍ରୋପାଇଟର ଦିନେଶ ଦୟାଲ, ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ୍ ଦଳର ଫ୍ରାଞ୍ଚାଇଜ୍ ରାମଜୀ ଗ୍ୟାରେଜ୍‌ର ପ୍ରୋପାଇଟର ସୁବ୍ରତ ଦାଶ, ଭେଟରାନ୍ ଫୁଟବଲର ପୁରୋଷୋତ୍ତମ ପାଣିଗ୍ରାହୀ, ଶଙ୍କର୍ଷଣ ପଟ୍ଟନାୟକ, ବାବୁଲା ବେବର୍ତ୍ତା, ଗଣେଶ ରାମ ମେହେର, ନରସିଂହ ରାଓ, ସନତ ହୋତା, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ପାତ୍ର, ଗୋବିନ୍ଦ ମହାରଣା ଯୋଗ ଦେଇ ଖେଳାଳି ଆୟୋଜକଙ୍କୁ ଉତ୍ସାହିତ କରି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ମୁଖ୍ୟ ରେଫରି ଭାବେ ଜିତୁ ପାତ୍ର, ସହଯୋଗୀ ରେଫରୀ ଭାବେ ଦେବାଶିଷ ବାଗ, ସଂଜନ କୁଦେଇ, ଫୋର୍ଥ ରେଫରି ଭାବେ ସଂଜୀବ ସାହୁ, ମ୍ୟାଚ୍ କମିଶନର ଭାବେ ଭୁକୁଲୁ ବକ୍ସି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଅତିଥି ଓ ଭେଟେରାନ କ୍ରୀଡ଼ାବିତ୍ ମାନଙ୍କ ସହିତ ହଜାର ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିବା ବେଳେ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଖେଳର ୧୪ ମିନିଟ୍‌ରେ କଟକ ଦଳ ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ଖେଳର ମଧ୍ୟାନ୍ତର ପରେ ପରେ ବରଗଡ଼ ଦଳ ଗୋଲ ସ୍କୋର କରି ଖେଳ ବରାବର କରିଥିଲେ। କଟକ ଦଳ ପୁଣି ଗୋଟେ ଗୋଲ ସ୍କୋର କରି ୨-୧ରେ ଆଗୁଆ ହୋଇ ମଙ୍ଗଳବାର ମ୍ୟାଚ୍ ବିଜୟୀ ହୋଇଥିଲେ। କ୍ରୀଡ଼ା ସଂଘ ସଂପାଦକ ପୀୟୂଷ ପଣ୍ଡା, ରାମଧୁନ କ୍ଲବ୍ ସଦସ୍ୟ ବିକାଶ ପଣ୍ଡା, ସନ୍ତୋଷ ପାଢ଼ୀ, ବୁବୁନ ନାଏକ, ବାଲ ଗୋପାଲ ମିଶ୍ର, ପ୍ରିତମ ସରାଫ, ରିକୁନ ନାଏକ, ଚନ୍ଦନ ବେହେରା, ଆୟୁଷ ପଣ୍ଡା, ଅଂଶୁମାନ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କଟକ ଦଳର ୧୧ ନମ୍ବର ଜର୍ସି ଜିତୁ ମୁଦୁଲିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଭୁ ଦାସ କୁମାର ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଦର୍ଶକଙ୍କ ପାଇଁ ଲଟେରୀ ଉଠାଣ ହୋଇଥିଲା। ତିନିଜଣ ଦର୍ଶକଙ୍କୁ ମୋବାଇଲ ଫୋନ୍, ଘର କୋଡ୍ ଓ ତୃତୀୟ ପୁରସ୍କାର କ୍ଲବ୍ ଜର୍ସି ପ୍ରଦାନ୍ କରାଯାଇଥିଲା।

## ପାକିସ୍ତାନର ପ୍ରଦର୍ଶନକୁ ନେଇ ନକ୍‌ଭି ଅସନ୍ତୋଷ

# ଦଳରୁ ବାଦ୍ ପଡ଼ିବେ ବାବର, ଶାହିନ

**କରାଚୀ**




ଭାରତ ବିପକ୍ଷ ଟି୨୦ ବିଶ୍ୱକପ୍‌ର ମ୍ୟାଚ୍‌ରେ ନୈରାଶ୍ୟ ଜନକ ପ୍ରଦର୍ଶନ କରିଥିବା ପାକିସ୍ତାନ ଦଳର ସିନିୟର ଖେଳାଳିଙ୍କୁ ପରବର୍ତ୍ତୀ ମ୍ୟାଚ୍‌ରୁ ବାଦ୍ ଦିଆଯିବ। ବୁଧବାର ପାକିସ୍ତାନ ତା'ର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ନାମିବିୟାକୁ ଭେଟିବ। ସୁପର-୮ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ପାକିସ୍ତାନକୁ ଏହି ମ୍ୟାଚ୍‌ରେ ବିଜୟ ଦରକାର। ତେବେ ଟିମ୍ ମ୍ୟାନେଜମେଣ୍ଟ ସୂତ୍ରରୁ ଜଣାପଡ଼ିଛି ଯେ, ଭାରତଠାରୁ ୬୧ ରନରେ ଶୋଚନୀୟ ପରାଜୟ ପରେ ପାକିସ୍ତାନ ଦଳର ପ୍ରଦର୍ଶନକୁ ନେଇ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏପରିକି ନକ୍‌ଭି ପାକିସ୍ତାନ ଦଳର ପରାଜୟ ନିଶ୍ଚିତ ଜାଣିବା ପରେ ମ୍ୟାଚ୍ ବେଳେ ଷ୍ଟାଡିୟମରୁ ଚାଲି ଯାଇଥିଲେ। ପରେ ପିସିବିର ଜଣେ ବରିଷ୍ଠ ଅଧିକାରୀ ଦଳୀୟ ମ୍ୟାନେଜରଙ୍କୁ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଦଳର ଏଭଳି ପ୍ରଦର୍ଶନ ଗ୍ରହଣୀୟ ନୁହେଁ ବୋଲି କହିଥିଲେ।

ଏହାପରେ ମୁଖ୍ୟକୋଚ୍ ମାଇକ ହେସନ ଡ୍ରେସିଂ ରୁମ୍‌ରେ ଖେଳାଳିଙ୍କୁ ସେମାନେ ଦକ୍ଷତା ମୁତାବକ ଖେଳି ନ ଥିବା କହିଥିଲେ। ଏଣୁ ଦଳୀୟ ମ୍ୟାନେଜମେଣ୍ଟ ବାବର ଓ ଶାହିନଙ୍କୁ ଦଳରୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କ ବଦଳରେ ଫଖର ଜାମନଙ୍କ ସହ ସଲମାନ ମିର୍ଜା କିମ୍ବା ନସିମ ଶାହାଙ୍କୁ ବୁଧବାର ଚୂଡ଼ାନ୍ତ ଦଳରେ ସାମିଲ କରାଯିବ।

# ରଣଜୀ ଟ୍ରଫି ସେମିଫାଇନାଲ : ମହମ୍ମଦ ସାମିଙ୍କୁ ୫ ୱିକେଟ ସଫଳତା

**ନୂଆଦିଲ୍ଲୀ**



ଚଳିତ ରଣଜୀଟ୍ରଫିରେ ସେମିରେ ବେଙ୍ଗଲରେ ମହମ୍ମଦ ସାମି ଝଡ଼ ଦେଖିବାକୁ ମିଳିଛି। ଜମ୍ମୁ କାଶ୍ମୀରର ବିପକ୍ଷରେ ସାମିଙ୍କୁ ୫ ୱିକେଟ ସଫଳତା ମିଳିଛି। ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଛି। ପ୍ରଥମ ଦିନ ସାମି ଦୁଇ ଓପନରଙ୍କୁ ପାଭିଲିୟନ ପଠାଇଥିବା ବେଳେ ଦ୍ୱିତୀୟ ଦିନ ୩ଟି ୱିକେଟ ହାସଲ କରିଛନ୍ତି।

ବେଙ୍ଗଲ ବନାମ ଜମ୍ମୁକାଶ୍ମୀର- ବେଙ୍ଗଲ ଅସମାପ୍ତ ପ୍ରଥମ ଇନିଂସ୍ ୫/୨୪୯ରୁ ବ୍ୟାଟିଂ ଆରମ୍ଭ କରି ୩୨୮ରନ୍‌ରେ ସୀମିତ ରହିଥିଲା। ସୁଦୀପ କୁମାର ଘରାମି ୧୪୬ ଓ ସୁମନ୍ତ ଗୁପ୍ତା ୩୯ ରନ୍ କରିଥିଲେ। ଜମ୍ମୁକାଶ୍ମୀର ପେସ୍ ବୋଲର ଆକିବ ନବି ୫ଟି ଓ ସୁନିଲ କୁମାର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଜମ୍ମୁ-କାଶ୍ମୀର ପ୍ରଥମ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟରେ ସମ୍ମୁଖୀନ ହୋଇଥିଲା। ୧୩ରନ୍ ମଧ୍ୟରେ ଦଳ ୩ଟି ୱିକେଟ୍ ହରାଇଥିଲା। ବେଙ୍ଗଲ ପେସ୍ ବୋଲର ମହମ୍ମଦ ସାମି ଦୁଇ ଓପନର ଶୁଭମ ଖଜୁରିଆ (୩) ଓ ୟାୱିର ହାସାନଙ୍କୁ (୨) ଆଉଟ୍ କରିଥିବାବେଳେ ମୁକେଶ କୁମାର ଅଭିଜ୍ଞ ଶୁଭମ ପୁଣ୍ଡିରଙ୍କୁ (୮) ପାଭିଲିୟନ ପଠାଇଥିଲେ। ମଧ୍ୟଭାଗରେ ପାରସ ଡୋଗ୍ରା ଓ ଅବଦୁଲ ସମଦ ଅର୍ଦ୍ଧଶତକୀୟ ଇନିଂସ୍ ଖେଳି ସ୍ଥିତି ସୁଧାରିଥିଲେ। ଦଳୀୟ ସ୍କୋର ୧୫୬ରେ ବ୍ୟକ୍ତିଗତ ୮୨ରନ୍ କରି ଆଉଟ୍ ହୋଇଥିଲେ ସମଦ। ପରେ ପରେ ଡୋଗ୍ରା ମଧ୍ୟ ୫୮ରନ୍ କରି ବିଦାୟ ନେଇଥିଲେ। କହ୍ନେୟା (୧୦) ଓ ଅବିଦ ମୁସ୍ତାକ (୨୬) ଷ୍ଟମ୍ପ ପର୍ଯ୍ୟନ୍ତ ଅପରାଜିତ ରହି ସ୍କୋର ୫/୧୯୮ରେ ପହଞ୍ଚାଇ ଥିଲେ। ବେଙ୍ଗଲର ମହମ୍ମଦ ସାମିଙ୍କ ୫ ସଫଳତା ପରେ ବର୍ତ୍ତମାନ ଜମ୍ମୁ କାଶ୍ମୀର ସ୍କୋର ୨୨୨ ରନ୍‌ରେ ପହଞ୍ଚିଛି। ୭ ୱିକେଟ ହରାଇ ସାରିଛି ଦଳ।

# କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ୍ : ମିସନ୍ ଟାଇଗର ବିଜୟୀ

**ଆନନ୍ଦପୁର**



ଆନନ୍ଦପୁର କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଟାଉନ୍ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ସ୍ମାରକୀ ଫୁଟ୍‌ବଲ୍ ପ୍ରତିଯୋଗିତାରେ ବାଲେଶ୍ୱରର ମିସନ୍ ଟାଇଗର ଦଳ ବିଜେତା ହୋଇଛି। ଫାଇନାଲ୍‌ରେ ଏହି ଦଳ ୪-୩ (୧-୧) ଟାଇବ୍ରେକରରେ ଗଣ୍ଡରପୁରର ୟୁନାଇଟେଡ୍ କ୍ଲବ୍‌କୁ ହରାଇଛି। ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଏହି ଫାଇନାଲ୍‌ର ପ୍ରଥମାର୍ଦ୍ଧରେ ବାଲେଶ୍ୱରର ରୋହିତ ଗୋଟିଏ ଗୋଲ୍ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ଶେଷ ମୁହୂର୍ତ୍ତରେ ଗଣ୍ଡରପୁର ଦଳ ଗୋଲ୍‌ଟି ଶୁଝି ମ୍ୟାଚ୍ ସମାନ ସ୍ଥିତିକୁ ଆଣିଥିଲା। ଶେଷରେ ଟ୍ରାଇବ୍ରେକରରେ ବାଲେଶ୍ୱର ୪-୩ରେ ବାଜି ମାରି ଟ୍ରଫି ହାତେଇଥିଲା। ରୋହିତ ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

କ୍ରୀଡ଼ା ସଂସଦ ସମ୍ପାଦକ ନବରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଫାଲକନ୍ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ପ୍ରଭାରଞ୍ଜନ ପଟ୍ଟନାୟକ, ସିନେ ତାରକା ପ୍ରଦ୍ୟୁମ୍ନ ଲେଙ୍କା, ଫିଲ୍ମ ପ୍ରଯୋଜକ ଅସିତ ମଲ୍ଲିକ, ଅଭିନେତ୍ରୀ ଧାରାଶ୍ରାବଣୀ ମହାପାତ୍ର, ପୂର୍ବତନ ସମ୍ପାଦକ ମନୋରଂଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରେଫରି ଶିବଶଙ୍କର ପଣ୍ଡା, ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଆୟୁଷକାନ୍ତ ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

କ୍ରୀଡ଼ା ସଂସଦର ଉପସଭାପତି ନିରାକାର ଦଳେଇ, ସହସମ୍ପାଦକ ଅକ୍ଷୟ କୁମାର ମହାନ୍ତି, ରମେଶ ସିଂ, ସଦସ୍ୟ ଅଶୋକ କୁମାର ରାଉଳ, ଦୁଲାଲ ଦାସ, ବିରଜା ପ୍ରସାଦ ନାୟକ, ଦେବବ୍ରତ କରଣ, ଅଖିଳ କୁମାର ପଟ୍ଟନାୟକ, ବସନ୍ତ କୁମାର ସାହୁ, ମନୋରଂଜନ ସିଂ, ଆଦିକନ୍ଦ ମହାକୁଡ଼, ତପନ ଜେନା, ପ୍ରଦୀପ ହଜାରୀ, ଦେବବ୍ରତ କରଣ, ପ୍ରସନ୍ନ କୁମାର ମିଶ୍ର, ଅନିମେଷ ମିଶ୍ର, ବାଇଧର ସେଠୀ, ଅଜୟ ସେଠୀ, ସଞ୍ଜୀବ କୁମାର, ସୁଦର୍ଶନ ରଣା, ମାର୍କଣ୍ଡ ସାମଲ, ହାଡ଼ିବନ୍ଧୁ ଖୁଣ୍ଟିଆ, ସୁଶାନ୍ତ ସାମଲ ସହଯୋଗ କରିଥିଲେ।

# ଇମ୍ରାନଙ୍କ ଚିକିତ୍ସା ପାଇଁ ଚିଠି ଲେଖିଲେ ସୁନିଲ ଗାଭାସ୍କର, କପିଳ ଦେବଙ୍କ ସହ ୧୪ କ୍ୟାପ୍ଟେନ

**ନୂଆଦିଲ୍ଲୀ**

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବେ ଜେଲ୍‌ରେ ଅଛନ୍ତି। ଆଦିୟାଲା ଜେଲ୍‌ରେ ଦିନକୁ ଦିନ ବିଗିଡିବାରେ ଲାଗିଛି ତାଙ୍କ ସ୍ୱାସ୍ଥ୍ୟାବସ୍ଥା। ଆଖିର ଦୃଷ୍ଟିଶକ୍ତି ବି ହରାଇବା ଉପରେ ପହଞ୍ଚି ଗଲେଣି। ଏହାକୁ ନେଇ କ୍ରିକେଟ ଜଗତରେ ଗମ୍ଭୀର ଚିନ୍ତା ପ୍ରକାଶ କରାଯାଇଛି। ଏପରିକି ଭାରତର ଦୁଇ ଲିଜେଣ୍ଡ କ୍ରିକେଟର ସୁନୀଲ ଗାଭାସ୍କର ଏବଂ କପିଲ ଦେବ ଇମ୍ରାନଙ୍କ ସମର୍ଥନରେ ବାହାରିଛନ୍ତି। ଭାରତର ଦୁଇ ପୂର୍ବତନ କ୍ୟାପଟେନଙ୍କ ସହ ବିଶ୍ୱର ଆହୁରି ଅନ୍ୟ ଖେଳାଳି ମଧ୍ୟ ଇମ୍ରାନଙ୍କ ଖରାପ ସମୟରେ ସାଥ୍ ଦେଇଛନ୍ତି।

ଏଲନ୍ ବର୍ଡର, ଷ୍ଟିଭ୍ ୱେଙ୍କ ସହିତ ବିଶ୍ୱର ୧୪ ପୂର୍ବତନ କ୍ୟାପଟେନ୍ ଇମ୍ରାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିଛନ୍ତି। ଏହି ସମସ୍ତେ ମିଶି ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଚିଠି ଲେଖିଛନ୍ତି। ଜେଲ୍‌ରେ ଇମ୍ରାନଙ୍କ ଭଲ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରିବାକୁ ଦାବି କରିଛନ୍ତି। ଏହା ସହ ନିୟମିତ ଭାବରେ ଇମ୍ରାନଙ୍କ ପରିବାର ଲୋକ ବିନା ବିଳମ୍ବରେ ଓ ନିରପେକ୍ଷ ଭାବରେ ଭେଟିବାର ସୁଯୋଗ ଦେବାକୁ ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ଇମ୍ରାନ୍ ନିଜ ସମୟର ଜଣେ ମହାନ ଅଲରାଉଣ୍ଡ ଥିଲେ। ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୧୯୯୨ ରେ ଦିନିକିଆ ବିଶ୍ୱକପ୍ ଜିତିବାରେ ଐତିହାସିକ ସଫଳତା ହାସଲ କରିଥିଲା।

ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ସମ୍ବୋଧିତ କରି ଲେଖାଯାଇଥିବା ଚିଠିରେ ସୁନିଲ ଗାଭାସ୍କର, କପିଲ ଦେବଙ୍କ ସହ ଗ୍ରେଗ୍ ଚାପେଲ୍, ଆଲାନ୍ ବର୍ଡର, ଷ୍ଟିଭ୍ ୱ, ମାଇକେଲ୍ ଆଥରଟନ୍, ମାଇକେଲ୍ ବ୍ରେଆର୍ଲି, ଇଆନ୍ ଚାପେଲ୍, ବେଲିଣ୍ଡା କ୍ଲାର୍କ, ଡେଭିଡ୍ ଗୋୱାର, କିମ୍ ହ୍ୟୁଜ୍, ନାସେର ହୁସେନ୍, କ୍ଲାଇଭ୍ ଲଏଡ୍ ଏବଂ ଜନ୍ ରାଇଟ୍ ରହିଛନ୍ତି। ସବୁଠାରୁ ବଡ଼ କଥା ହେଲା ଏହି ଚିଠିରେ ଦସ୍ତଖତ କରିଥିବା ପୂର୍ବତନ କ୍ୟାପଟେନ୍‌ଙ୍କ ଭିତରେ ପାକିସ୍ତାନର କେହି ବି ନାହାନ୍ତି। ତେବେ ଗତ ସପ୍ତାହ ୱାସିମ୍ ଆକ୍ରାମ, ୱାକର ୟୁନୁସ୍ ଏବଂ ଶହିଦ ଆଫ୍ରିଦିଙ୍କ ସହ ବହୁ ପାକିସ୍ତାନୀ ପୂର୍ବତନ କ୍ରିକେଟର ଇମ୍ରାନଙ୍କୁ ଉଚିତ୍ ଚିକିତ୍ସା ଯୋଗାଇ ଦେବାକୁ ସୋସିଆଲ ମିଡିଆରେ ଅନୁରୋଧ କରିଥିଲେ।



କ୍ୟାପଟେନଙ୍କ ଏହି ଗ୍ରୁପ୍ ଇମ୍ରାନ୍ ଖାନଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ, ସେ କିପରି ୧୯୯୨ କ୍ରିକେଟ ବିଶ୍ୱକପରେ ପାକିସ୍ତାନକୁ ଏକ ଐତିହାସିକ ବିଜୟ ପାଇଁ ନେତୃତ୍ୱ ନେଇଥିଲେ ତାହା ମନେ ପକାଇଥିଲେ। ସେମାନେ ଏହି ବିଜୟକୁ ନେତୃତ୍ୱ, ସାହସ ଏବଂ କ୍ରୀଡ଼ାପ୍ରେମ ଉପରେ ନିର୍ମିତ ଏକ ବିଜୟ ବୋଲି କହିଥିଲେ, ଯାହାକି ସୀମା ପାର ପିଢ଼ିକୁ ପ୍ରେରଣା ଦେଇଥିଲା। ଆମ ମଧ୍ୟରୁ ଅନେକ ତାଙ୍କ ବିପକ୍ଷରେ ଖେଳିଛୁ, ତାଙ୍କ ସହିତ ଫିଲ୍ଡ ସେୟାର କରିଛୁ, କିମ୍ବା ତାଙ୍କର ଅଲରାଉଣ୍ଡର କ୍ଷମତା, କରିସ୍ମା ଏବଂ ଲଢୁଆ ମନୋଭାବକୁ ଆଦର୍ଶ କରି ବଢ଼ିଛୁ। ସେ ଖେଳର ସର୍ବଶ୍ରେଷ୍ଠ ଅଲରାଉଣ୍ଡର ଏବଂ ଅଧିନାୟକମାନଙ୍କ ମଧ୍ୟରୁ ଅନ୍ୟତମ।'

ଏହି ଚିଠିରେ ପାକିସ୍ତାନରେ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଇମ୍ରାନଙ୍କ ସମୟକୁ ମଧ୍ୟ ଉଲ୍ଲେଖ କରିଥିଲେ ଏବଂ ଜୋର ଦେଇଥିଲେ ଯେ, ରାଜନୈତିକ ମତଭେଦ ସତ୍ତ୍ୱେ, ସେ ମାନବୀୟ ବ୍ୟବହାର ପାଇବାକୁ ଯୋଗ୍ୟ। ଏହି ଲିଜେଣ୍ଡ କ୍ରିକେଟର ମାନେ ପାକିସ୍ତାନ ସରକାରଙ୍କୁ ଅନୁରୋଧ କରିଥିଲେ ଯେ ଇମ୍ରାନଙ୍କ ଦକ୍ଷ ବିଶେଷଜ୍ଞଙ୍କ ଠାରୁ ତୁରନ୍ତ ଚିକିତ୍ସା ଦିଆଯାଉ।

## ଅଷ୍ଟ୍ରେଲିଆ ଗସ୍ତ ନେଇ ହକି ଇଣ୍ଡିଆର ୨୪ ଜଣିଆ ଭାରତୀୟ ଦଳ ଘୋଷିତ

# ସ୍ଥାନ ବଜାୟ ରଖିଲେ ଅମନଦୀପ, ଅମିତ, ଶିଳାନନ୍ଦ

**ଭୁବନେଶ୍ୱର**



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ପର୍ଯ୍ୟାୟରେ ଖେଳିଥିବା ଚାରିଟି ଯାକ ମ୍ୟାଚ୍ ହାରି ଲଜ୍ଜିତ ହୋଇଥିବା ଭାରତୀୟ ହକି ସମ୍ମୁଖରେ ଆଉ ଏକ ମସ୍ତବଡ଼ ଆହ୍ୱାନ ଉପନୀତ ହୋଇଛି। ଭାରତୀୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାର ଅଷ୍ଟ୍ରେଲୀୟ ଲେଗ୍‌ରେ ଆୟୋଜକ ତଥା ଶକ୍ତିଶାଳୀ ଅଷ୍ଟ୍ରେଲିଆ ସହ ୟୁରୋପୀୟ ଶକ୍ତି ସ୍ପେନ୍‌ର ମୁକାବିଲା କରିବାକୁ ଯାଉଛି। ଏହି ଲେଗ୍ ଚଳିତ ମାସ ୨୦ରୁ ୨୫ ତାରିଖ ଯାଏଁ ଅଷ୍ଟ୍ରେଲିଆର ହୋବର୍ଟସ୍ଥିତ ତାସମାନିଆ ହକି ସେଣ୍ଟରଠାରେ ଖେଳାଯିବ। ଏଥିଲାଗି ହକି ଇଣ୍ଡିଆ ମଙ୍ଗଳବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ଘୋଷିତ ଦଳରେ ଓଡ଼ିଶାର ତିନି ତାରକା ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ସ୍ଥାନ ବଜାୟ ରଖିଛନ୍ତି। ହେଲେ ରାଉରକେଲାରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ରୋଶନ କୁଜୁର ଓ ରକ୍ଷଣଭାଗ ଖେଳାଳି ନୀଲମ ସଂଜୀପ ଖେସ୍ ବାଦ୍ ପଡ଼ିଛନ୍ତି। ଅନ୍ୟଏକ ଉଲ୍ଲେଖନୀୟ ଘଟଣାକ୍ରମେ ନିୟମିତ ଅଧିନାୟକ ହରମନ୍‌ପ୍ରୀତ୍ ସିଂହ ବ୍ୟକ୍ତିଗତ କାରଣ ଦର୍ଶାଇ ଏହି ଗସ୍ତରୁ ଓହରି ଯାଇଛନ୍ତି। ଫଳରେ ଦୁଇ ଥର ଅଲିମ୍ପିକ୍ସ ପଦକ ବିଜେତା ହାର୍ଦ୍ଦିକ ସିଂହ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ସନ୍ତୁଳିତ ଭାରତୀୟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ହାର୍ଦ୍ଦିକ ୨୦୨୦ ଟୋକିଓ ଏବଂ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ।

ଏହି ଶୃଙ୍ଖଳାରୁ ଭାରତୀୟ ଦଳ ଚଳିତବର୍ଷ ଶେଷ ଆଡ଼କୁ ଖେଳାଯିବାକୁ ଥିବା ଏସୀୟ କ୍ରୀଡ଼ା ଓ ପୁରୁଷ ହକି ବିଶ୍ୱକପ୍ ଲାଗି ପ୍ରସ୍ତୁତି ଆରମ୍ଭ କରିବ ବୋଲି କହିଛି ହକି ଇଣ୍ଡିଆ। ୪ବର୍ଷର ବ୍ୟବଧାନ ପରେ ଅଗ୍ରଭାଗ ଖେଳାଳି ମନୀନ୍ଦର ସିଂହ ମଧ୍ୟ ଜାତୀୟ ଦଳକୁ ଫେରିଛନ୍ତି। ଶେଷ ଥର ଲାଗି ସେ ୨୦୨ ହିରୋ ଏସିଆ କପ୍‌ରେ ୬ଟି ମ୍ୟାଚ୍ ଖେଳିଥିଲେ। ଦଳ ଘୋଷଣା ପରେ ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲ୍‌ଟନ୍ କହିଛନ୍ତି, ରାଉରକେଲା ପର୍ଯ୍ୟାୟର ଫଳାଫଳକୁ ନେଇ ଆମେ ଅତ୍ୟନ୍ତ ମର୍ମାହତ। ସେଠାରେ ଫଳାଫଳ ଆମ ସପକ୍ଷରେ ଗଲାନି। ହୋବର୍ଟରେ ଆମେ ରାଉରକେଲାରେ କରିଥିବା ତ୍ରୁଟି ଓ ବିଚ୍ୟୁତିକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ।

ଭାରତୀୟ ଦଳ: ଗୋଲ୍‌ରକ୍ଷକ- ସୂରଜ କେର୍କେରା, ମୋହିତ ହନେନହାଲି ଶଶିକୁମାର। ରକ୍ଷଣଭାଗ- ଅମିତ ରୋହିଦାସ, ଜର୍ମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ସଂଜୟ, ସୁମିତ, ଅମନଦୀପ ଲାକ୍ରା, ଯଶଦୀପ୍ ସିୱାଚ, ପୁଭାନ୍ନା ଚନ୍ଦୁର ବବି। ମଧ୍ୟଭାଗ- ରାଜୀନ୍ଦର ସିଂହ, ମନମୀତ ସିଂହ, ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ ସିଂହ (ଅଧିନାୟକ), ମୋଇରଙ୍ଗଥେମ ରବିଚନ୍ଦ୍ର ସିଂହ, ବିଷ୍ଣୁକାନ୍ତ ସିଂହ, ରାଜ କୁମାର ପାଲ। ଅଗ୍ରଭାଗ- ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂହ, ଅରାଇଜିତ ସିଂହ ହୁଣ୍ଡାଲ, ଆଦିତ୍ୟ ଅର୍ଜୁନ ଲଲାଗେ, ଅଙ୍ଗଦବୀର ସିଂହ, ମହୀନ୍ଦର ସିଂହ।

GOVERNMENT OF ODISHA
PANCHAYATIRAJ & D.W. DEPARTMENT
OFFICE OF THE PANCHAYAT SAMITI, BIRIDI
ori-bindi @nic in
SHORT QUOTATION CALL NOTICE NQ.01/2025-26
EXPRESSION OF INTEREST SCHEDULE

19001/36/2526

| | | |
|---|---|---|
| Name of the Work | : | Supply of the spare parts of Shallow Tube wells and DA TARA Hand Pump Tube wells |
| Cost of paper | : | Rs 4000/- (Rupees Four thousand) only in shape of Cash. |
| Date of Sale & Receipt of the EOI schedule paper | : | Dt 17 02.2026 to 23.02.2026 up to at 11.30 AM |
| Last date & time for receiving EOI schedule paper | : | Dt 23 02 2026 at 2.00 P M |
| Opening of EOI | : | Dt.23.02.2026 at 4.30 P M in the office of the Panchayat Samiti, Biridi |

N.B.: (1) Further details can be seen from the O/o the Panchayat Samiti. Bihdi on the schedule Period, date and time
(2) Authonty reserves the right to reject any or all of the notice without assigning any reasons thereof No agency can demand the cause of rejection of his / her offer

OIPR-19001/19221/1/25-26/0001 Sd/- Block Development Officer, Biridi

ଭୁବନେଶ୍ୱର, ୧୮ ଫେବୃୟାରୀ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ସପ୍ତଦଶ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ଅବସରରେ ଗୃହକୁ ପ୍ରବେଶ କରୁଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ଦକ୍ଷିଣ ଆଫ୍ରିକାରୁ ଆସିବେ ଚିତା : ନନ୍ଦନକାନନରେ ଆରମ୍ଭ ହେବ ଚିତାବାଘ ସଫାରୀ !

**ଭୁବନେଶ୍ୱର, ୧୭/୦୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପାଇଁ ଖୁସି ଖବର । ନନ୍ଦନକାନନକୁ ଆସିବେ ଚିତା ବାଘ। ଚିଡିଆଖାନାରେ ଅଧିକରୁ ଅଧିକ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ନନ୍ଦନକାନନର ବନ୍ୟଜନ୍ତୁ ଅଧ୍ୟାୟରେ ଲେଖାଯିବ ସ୍ୱର୍ଣ୍ଣିମ ଅଧ୍ୟାୟ। ଆଗକୁ କିଛି ଏପିରି ଯୋଜନା ରହିଛି । ଏବେ ଚିତା ବାଘ ଦେଖିବାକୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଯିବାକୁ ପଡିବନି । ବରଂ ଓଡ଼ିଶାରେ ସେମାନଙ୍କ ସଫାରୀ କରିହେବ ।

ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁସାରେ, ରାଜ୍ୟ ସରକାର ଏବେ ନନ୍ଦନକାନନକୁ ଚିତା ଆଣିବାକୁ ଯୋଜନା କରୁଛନ୍ତି । ପରେ ଅନ୍ୟ ଜଙ୍ଗଲକୁ ଚିତା ଆସିବେ । ଏଥିପାଇଁ ବେସରକାରୀ ଅନୁଷ୍ଠାନକୁ ନିୟୋଜିତ କରାଯିବ। ଦକ୍ଷିଣ ଆଫ୍ରିକାରୁ ଏମାନଙ୍କୁ ଅଣାଯିବା ନେଇ ଲକ୍ଷ୍ୟ ରହିଛି ।

ନନ୍ଦନକାନନ ନିର୍ଦ୍ଦେଶକ ସନଥ କୁମାରଙ୍କ କହିବାନୁସାରେ, ଖୁବ୍‌ଶୀଘ୍ର ଚିଡିଆଖାନାରେ ଚିତାବାଘ ଦେଖିବାକୁ ମିଳିବେ। ସେମାନଙ୍କୁ ଦକ୍ଷିଣ ଆଫ୍ରିକାରୁ ଅଣାଯିବ। ଉଭୟ ପୁରୁଷ ଏବଂ ମାଈ ଚିତା ଆସିବେ । ସେମାନଙ୍କୁ ଆଣିବା ପାଇଁ ବେସରକାରୀ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯିବ । ଏନେଇ ଖୁବ୍‌ଶୀଘ୍ର ଟେଣ୍ଡର ହେବ ।

ସେ ଆହୁରି କହିଛନ୍ତି ଯେ, ଟେଣ୍ଡର ଯେଉଁ କମ୍ପାନୀକୁ ମିଳିବ ସେହି ସଂସ୍ଥା ଚିଡିଆଖାନା ଚୟନଠୁ ଆରମ୍ଭ କରି ସେମାନଙ୍କୁ ନନ୍ଦନକାନନରେ ରଖିବା ପାଇଁ ବ୍ୟବସ୍ଥା କରିବ । ଏଥିପାଇଁ ଅର୍ଥର ଆବଶ୍ୟକତା ରହିଛି। ସରକାରଙ୍କ ଅନୁମୋଦନ ପରେ ସମସ୍ତ ପ୍ରକ୍ରିୟା ଆରମ୍ଭ ହେବ ।

ଚିତା ହେଉଛନ୍ତି ବିଶ୍ୱର ସବୁଠୁ ଦ୍ରୁତ ବେଗରେ ଧାଇଁ ପାରୁଥିବା ଜନ୍ତୁ । ସେମାନେ ଘଣ୍ଟା ପ୍ରତି ୧୨୦ କିଲୋମିଟର ବେଗରେ ଧାଇଁ ପାରନ୍ତି। ଏହାଦ୍ୱାରା ଶିକାର କରିବା ସହଜ ହୋଇଯାଏ । ସେମାନଙ୍କ ରହିବା ପାଇଁ ବିସ୍ତୀର୍ଣ୍ଣ ଜାଗା ଆବଶ୍ୟକ। ଯାହା ଆଗାମୀ ଦିନରେ ନନ୍ଦନକାନନରେ ତିଆରି କରାଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି ।



# ‘ଅଲ୍ ଚିକି’ ଲିପି ସାନ୍ତାଳୀ ସମୁଦାୟର ଗୌରବମୟ ପରିଚୟ ଓ ସଂସ୍କୃତିର ସଶକ୍ତ ପ୍ରତୀକ : ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୧୭/୦୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ‘ଅଲ ଚିକି’ ଲିପିର ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଉନ୍ମୋଚନ କରାଯାଇଥିଲା । ଏହି ଅବସରରେ ରାଷ୍ଟ୍ରପତି କହିଥିଲେ “ଅଲ ଚିକି’ଲିପି ସାନ୍ତାଳୀ ସମୁଦାୟର ଗୌରବମୟ ପରିଚୟ ଓ ସଂସ୍କୃତିର ସଶକ୍ତ ପ୍ରତୀକ । ବିଶ୍ୱ ମଞ୍ଚରେ ସାନ୍ତାଳୀ ସମାଜର ଅସ୍ତିତ୍ୱକୁ ପରିଚିତ କରାଇବା ସହ ଏହା ସମୁଦାୟର ଏକତା, ଐତିହ୍ୟ ଓ ଆତ୍ମସମ୍ମାନକୁ ଆହୁରି ସୁଦୃଢ଼ କରୁଛି। ଗୁରୁ ଗମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ‘ଅଲଚିକି’ ଲିପିର ଆବିଷ୍କାର ସାନ୍ତାଳୀ ସମାଜର ଭାଷା ଓ ସଂସ୍କୃତିକୁ ନୂତନ ପରିଚୟ ଦେଇଛି । ୧୯୨୫ ମସିହାରେ ଏହି ଲିପି ଉଦ୍ଭାବନ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରପତି ପୁଣି କହିଥିଲେ ଯେ, ସାନ୍ତାଳୀ ସମ୍ପ୍ରଦାୟର ନିଜସ୍ୱ ଭାଷା, ସାହିତ୍ୟ ଏବଂ ସଂସ୍କୃତି ଅଛି । ତଥାପି, ନିଜସ୍ୱ ଲିପି ଅଭାବରୁ, ସାନ୍ତାଳୀ ଭାଷା ପ୍ରାରମ୍ଭରେ ରୋମାନ, ଦେବନାଗରୀ, ଓଡ଼ିଆ ଏବଂ ବଙ୍ଗଳା ଲିପିରେ ଲେଖାଯାଉଥିଲା । ନେପାଳ, ଭୁଟାନ ଏବଂ ମରିସସରେ ରହୁଥିବା ସାନ୍ତାଳ ସମ୍ପ୍ରଦାୟର ସଦସ୍ୟମାନେ ମଧ୍ୟ ସେହି ଦେଶଗୁଡ଼ିକରେ ପ୍ରଚଳିତ ଲିପିରେ ଲେଖିଥିଲେ । ଏହି ଲିପିଗୁଡ଼ିକ ସାନ୍ତାଳ ଭାଷାର ମୂଳ ଶବ୍ଦଗୁଡ଼ିକୁ ସଠିକ୍ ଭାବରେ ଉଚ୍ଚାରଣ କରିପାରି ନଥିଲେ । ୧୯୨୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ ଅଲ ଚିକି ଲିପି ଉଦ୍ଭାବନ କରିଥିଲେ । ସେବେଠାରୁ, ଏହା ସାନ୍ତାଳୀ ଭାଷା ପାଇଁ ବ୍ୟବହୃତ ହୋଇଆସୁଛି। ବର୍ତ୍ତମାନ, ଏହି ଲିପି ବିଶ୍ୱବ୍ୟାପୀ ସାନ୍ତାଳୀ ପରିଚୟର ଏକ ଶକ୍ତିଶାଳୀ ପ୍ରତୀକ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଅଲ ଚିକିର ଶତବାର୍ଷିକୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି କି, ‘ଏହି ନୂଆଦିଲ୍ଲୀର ଡଃ ଆମ୍ବେଦକର ଅନ୍ତରାଷ୍ଟ୍ରୀୟ କେନ୍ଦ୍ରଠାରେ ‘ଅଲ୍ ଚିକି’ ଲିପିର ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଉନ୍ମୋଚନ କରାଯିବା ସାନ୍ତାଳୀ ଭାଷା ଓ ସଂସ୍କୃତିର ବିକାଶ ପାଇଁ ଏକ ଐତିହାସିକ ପଦକ୍ଷେପ । ଏହି ଅବସରରେ ମୁଁ ରାଷ୍ଟ୍ରପତିଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି। ଏହା କାଳଜୟୀ ସ୍ରଷ୍ଟା ‘ଗୁରୁ ଗୋମକେ’ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତି ଏକ ବିନମ୍ର ଶ୍ରଦ୍ଧାଞ୍ଜଳି। ‘ଗୁରୁ ଗୋମକେ’ଙ୍କ ଅନନ୍ୟ ସୃଷ୍ଟି ଅଲ୍ ଚିକି ଲିପି କେବଳ ଏକ ଲିପି ନୁହେଁ, ବରଂ ଏହା ସାନ୍ତାଳୀ ସମ୍ପ୍ରଦାୟର ସ୍ୱାଭିମାନ ଓ ଗୌରବମୟ ସଂସ୍କୃତିର ପରିଚୟ ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି କି, ‘ନୂଆଦିଲ୍ଲୀର ଡଃ ଆମ୍ବେଦକର ଅନ୍ତରାଷ୍ଟ୍ରୀୟ କେନ୍ଦ୍ରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ‘ଅଲ୍ ଚିକି’ ଲିପିର ଶତବାର୍ଷିକୀ ଅବସରରେ ସ୍ମାରକୀ ମୁଦ୍ରା ଓ ଡାକ ଟିକଟ ଉନ୍ମୋଚନ କରାଯିବା ଅତ୍ୟନ୍ତ ଗୌରବର ବିଷୟ । ସାନ୍ତାଳୀ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏଥିପାଇଁ ମୁଁ ରାଷ୍ଟ୍ରପତିଙ୍କୁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି ।

## ଏଏନଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତକାର

# ଭାରତ ବିଶ୍ୱସ୍ତରର ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଇବା ଉଚିତ

**ନୂଆଦିଲ୍ଲୀ, ୧୭/୦୨**

ଜାତୀୟ ରାଜଧାନୀରେ ଇଣ୍ଡିଆ ଅଲ୍ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆରମ୍ଭ ହେବା ସହିତ ପ୍ରଥମ ଥର ପାଇଁ କୃତ୍ରିମ ବୁଦ୍ଧିମତ୍ତା ଉପରେ ଏହି ପରିମାଣର ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ଗ୍ଲୋବାଲ୍ ସାଉଥ୍‌ରେ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଏନଆଇର ପାଠ୍ୟ ସେବାକୁ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ‘ସର୍ବଜନ ହିତାୟ, ସର୍ବଜନ ସୁଖାୟେ’ (‘ସମସ୍ତଙ୍କ ପାଇଁ କଲ୍ୟାଣ, ସମସ୍ତଙ୍କ ପାଇଁ ଖୁସି’) ଛାୟା ତଳେ ଶିଖର ସମ୍ମିଳନୀର ମାର୍ଗଦର୍ଶକ ଆତ୍ମାକୁ ରେଖାଙ୍କିତ କରିଛନ୍ତି।

ଏହି ସମ୍ମିଳନୀ ରାଜ୍ୟ ଏବଂ ସରକାର ମୁଖ୍ୟ, ମନ୍ତ୍ରୀ, ବିଶ୍ୱ ପ୍ରଯୁକ୍ତିବିଦ୍ୟା ନେତା ଏବଂ ଶିକ୍ଷ ଅଂଶୀଦାରମାନଙ୍କୁ ଏକତ୍ରିତ କରି ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା, ସାର୍ବଜନୀନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶକୁ ସକ୍ଷମ କରିବାରେ ଏଆଇର ଭୂମିକା ଉପରେ ବିଚାର ବିମର୍ଶ କରିଥାଏ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସାକ୍ଷାତକାରରେ ଏହି ନୂତନ ଯୁଗ ପାଇଁ ଭାରତର ଦୃଷ୍ଟିକୋଣକୁ ଉଜ୍ଜ୍ୱଳ କରି କହିଛନ୍ତି ଯେ ଏଆଇକୁ ଗଭୀର ଭାବରେ ମାନବ-କେନ୍ଦ୍ରିକ ରହି ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବାକୁ ପଡିବ।

ଏଏନ୍‌ଆଇ : ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ୍ ସାଉଥ୍‌ରେ ଯେକୌଣସି ସ୍ଥାନରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହି ସମ୍ମିଳନୀର ମୂଳମନ୍ତ୍ର ହେଉଛି ‘ସର୍ବଜନ ହିତାୟ, ସର୍ବଜନ ସୁଖାୟେ’ (ସମସ୍ତଙ୍କ ପାଇଁ କଲ୍ୟାଣ, ସମସ୍ତଙ୍କ ଖୁସି)। ଏହି ଶିଖର ସମ୍ମିଳନୀର ଦୃଷ୍ଟିକୋଣ କ’ଣ, ଏବଂ ଏହି ମୂଳମନ୍ତ୍ର କାହିଁକି ?



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ଆଜି, ଏଆଇ ଏକ ସଭ୍ୟତାଗତ ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି। ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ମାର୍ଗଦର୍ଶନ ନ କରାଯାଏ ତେବେ ଏହା ବିଦ୍ୟମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ ପରୀକ୍ଷା କରିପାରିବ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ପ୍ରଭାବଶାଳୀ ଭାବରେ ପ୍ରସ୍ତୁତ କରିଛୁ ଯାହା ଅର୍ଥପୂର୍ଣ୍ଣ ନିଶ୍ଚିତ କରେ ଏବଂ କେବଳ ନବସୃଜନ ନୁହେଁ, ସମାନ ଫଳାଫଳ।

‘ସର୍ବଜନ ହିତାୟ, ସର୍ବଜନ ସୁଖାୟେ’ ମାର୍ଗଦର୍ଶକ ଆତ୍ମା ଭାରତର ସଭ୍ୟତା ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ ‘ସମସ୍ତଙ୍କ ପାଇଁ କଲ୍ୟାଣ, ସମସ୍ତଙ୍କର ଖୁସି’ ହେବା ଉଚିତ। ପ୍ରଯୁକ୍ତିବିଦ୍ୟା ମାନବତାର ସେବା କରିବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ।

ଏହି ସମ୍ମିଳନୀ ଲୋକ, ଗ୍ରହ ଏବଂ ପ୍ରଗତି ଉପରେ ଗଠିତ। ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ଆକର୍ଷିତ ହୁଏ। ତେଣୁ, ଆମେ ଚାହୁଁଛୁ ଯେ ଏଆଇର ଲାଭ ସମସ୍ତଙ୍କ ପାଖରେ ବିସ୍ତାରିତ ହେଉ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ଦ୍ୱାରା ସଂଗୃହୀତ ନ ହେଉ।

ଗ୍ଲୋବାଲ୍ ସାଉଥ୍‌ରେ ଆୟୋଜିତ ପ୍ରଥମ ବିଶ୍ୱବ୍ୟାପୀ ଏଆଇର ସମ୍ମିଳନୀ ଭାବରେ, ଭାରତ ଏକ ପ୍ଲାଟଫର୍ମ ସୃଷ୍ଟି କରୁଛି ଯାହା ଅଣ-ପ୍ରତିନିଧିତ୍ୱ ସ୍ୱର ଏବଂ ବିକାଶ ପ୍ରାଥମିକତାକୁ ବୃଦ୍ଧି କରେ।

ଏଆଇ ଶାସନ, ଅନ୍ତର୍ଭୁକ୍ତ ଡାଟାସେଟ୍, ଜଳବାୟୁ ପ୍ରୟୋଗ, କୃଷି ଉତ୍ପାଦକତା, ଜନସ୍ୱାସ୍ଥ୍ୟ ଏବଂ ବହୁଭାଷୀ ପ୍ରବେଶ ପରିସରୀୟ ପ୍ରସଙ୍ଗ ନୁହେଁ, ସେଗୁଡ଼ିକ କେନ୍ଦ୍ରୀୟ। ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇକୁ ଗଭୀର ଭାବରେ ମାନବ-କେନ୍ଦ୍ରିକ ରହି ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବାକୁ ପଡିବ।

ଏଏନ୍‌ଆଇ: ଆପଣ ସର୍ବଦା ସଶକ୍ତିକରଣ ଏବଂ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ବିକଶିତ ଭାରତ ୨୦୪୭ରେ ଆପଣ ଏଆଇର ଭୂମିକାକୁ କିପରି ଦେଖୁଛନ୍ତି ?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ: ଏଆଇର ପ୍ରତିନିଧିତ୍ୱ କରୁଛି ଭାରତର ବିକଶିତ ଭାରତ ୨୦୪୭ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗ। ରଣନୈତିକ ଦୃଷ୍ଟିକୋଣ ସହିତ ଏଆଇର ସଚେତନ ଭାବରେ ବ୍ୟବହାର କରିବା, ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହିତ ଗଭୀର ବିକାଶମୂଳକ ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ କରେ, ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ସକ୍ଷମ କରେ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନକୁ ଦୂର କରେ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରେ।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଏଆଇର ପ୍ରଭାବ ପୂର୍ବରୁ ପ୍ରଦାନ କରୁଛି। ଆମେ ଯକ୍ଷ୍ମା, ମଧୁମେହ ରେଟିନୋପାଥିର ପ୍ରାରମ୍ଭିକ ଚିହ୍ନଟକୁ ସମ୍ବୋଧିତ କରୁଥିବା ଏଆଇର ଆଧାରିତ ସମାଧାନ ଦେଖୁଛୁ, ପ୍ରାଥମିକ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ମୃଗଶିରା ଏବଂ ଅନ୍ୟାନ୍ୟ ଅନେକ ରୋଗ। ଶିକ୍ଷା କ୍ଷେତ୍ରରେ, ଭାରତୀୟ ଭାଷାରେ ବ୍ୟକ୍ତିଗତ ଶିକ୍ଷା ପ୍ଲାଟଫର୍ମଗୁଡ଼ିକ ଗ୍ରାମୀଣ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କଷ୍ଟମାଇଜଡ ଶୈକ୍ଷିକ ସହାୟତା ପାଇବାରେ ସାହାଯ୍ୟ କରୁଛି। ଏକ ଅନନ୍ୟ ପଦକ୍ଷେପରେ ହଜାର ହଜାର ଗ୍ରାମର ୩୬ ଲକ୍ଷ ମହିଳା ଦୁଗ୍ଧ ଚାଷୀମାନଙ୍କ ପାଖରେ ପହଞ୍ଚିବା ପାଇଁ ଏଆଇକୁ ବ୍ୟବହାର କରୁଛି, ଗୋରୁ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନକ୍ଷମତା ଉପରେ ଗୁଜୁରାଟୀରେ ପ୍ରକୃତ-ସମୟ ମାର୍ଗଦର୍ଶନ ପ୍ରଦାନ କରୁଛି, ତୃଣମୂଳ ସ୍ତରର ମହିଳା ଉତ୍ପାଦକମାନଙ୍କୁ ସଶକ୍ତ କରୁଛି। କୃଷି କ୍ଷେତ୍ରରେ, ଭାରତ ବିସ୍ତାର ପଦକ୍ଷେପ ଏଆଇକୁ ଫସଲ ପରାମର୍ଶ, ମୃତ୍ତିକା ବିଶ୍ଳେଷଣ ଏବଂ ପାଣିପାଗ ବୁଦ୍ଧିମତ୍ତା ସହିତ ଏକୀକୃତ କରିବା ଲକ୍ଷ୍ୟ ରଖିଛି, ଚାଷୀମାନଙ୍କୁ ଉନ୍ନତ, ସ୍ଥାନୀୟ ନିଷ୍ପତ୍ତି ନେବାରେ ସାହାଯ୍ୟ କରୁଛି। ଐତିହ୍ୟ ସଂରକ୍ଷଣରେ ମଧ୍ୟ, ଏଆଇ ପ୍ରାଚୀନ ପାଣ୍ଡୁଲିପିର ଡିଜିଟାଇଜେସନ୍ ଏବଂ ବ୍ୟାଖ୍ୟାକୁ ସକ୍ଷମ କରୁଛି, ଭାରତର ସଭ୍ୟତାଗତ ଜ୍ଞାନ ପ୍ରଣାଳୀକୁ ଅନଲକ୍ କରୁଛି। ଯେତେବେଳେ ବିଶ୍ୱ ଏଆଇକୁ ଗଭୀର କରିବା ବିଷୟରେ ଚିନ୍ତିତ, ସେତେବେଳେ ଭାରତ ଏହାକୁ ବିଭାଜନ ଦୂର କରିବା ପାଇଁ ବ୍ୟବହାର କରୁଛି। ଆମେ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଆର୍ଥିକ ସୁଯୋଗ ପ୍ରଦାନ କରିବା ପାଇଁ ଏହାକୁ ଏକ ଦକ୍ଷ ଉପକରଣ କରୁଛୁ।

ଏଏନ୍‌ଆଇ: ପ୍ୟାରିସରେ ଏଆଇ ଆକ୍ସନ ସମିଟ୍ ୨୦୨୫ରେ ଆପଣଙ୍କ ଭାଷଣରେ, ଆପଣ ଏଆଇର ପକ୍ଷପାତ ଏବଂ ସୀମା ଉପରେ ଗୁରୁତ୍ୱାରୋପ କରିଥିଲେ। ବର୍ତ୍ତମାନଠାରୁ, ପରିସ୍ଥିତି ବଦଳିଛି କି ? ଭାରତ ଏହି ସମସ୍ୟାର ସମାଧାନ କିପରି କରୁଛି ବୋଲି ଆପଣ ଦେଖୁଛନ୍ତି ?

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି: ଏଆଇରେ ପକ୍ଷପାତ ଏବଂ ସୀମାବଦ୍ଧତା ସମ୍ପର୍କରେ ଚିନ୍ତା ଗଭୀର ଭାବରେ ପ୍ରାସଙ୍ଗିକ ରହିଛି। ଏଆଇରେ ଗ୍ରହଣ ତ୍ୱରାନ୍ୱିତ ହେବା ସହିତ, ବିପଦ ମଧ୍ୟ ବୃଦ୍ଧି ପାଉଛି। ଏଆଇରେ ପ୍ରଣାଳୀଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଅର୍ଥନୈତିକ ପୃଷ୍ଠଭୂମି ସହିତ ଜଡିତ ପକ୍ଷପାତକୁ ସ୍ଥାୟୀ କରିପାରେ।

ଏଆଇରେ ପ୍ରଭାବ ଶିଖର ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଏବଂ ଏଆଇରେ ପକ୍ଷପାତ ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱ ସଚେତନତା ସୃଷ୍ଟି କରୁଛି। ଏହା ଏକ ସମସ୍ୟା ଯାହା ପାଇଁ ବିଶ୍ୱ ସହଯୋଗ ଆବଶ୍ୟକ ବୋଲି ଶ୍ରୀ ମୋଦୀ କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୭/୦୨/୨୦୨୬
୪,୬୦,୪୨୮ ଟଙ୍କା
ସୁନା:-୦୦ ଗ୍ରାମ୍ ୦୯୦ ମିଲିଗ୍ରାମ
ରୂପା:-୨୭ ଗ୍ରାମ୍ ୩୦୦ ମିଲିଗ୍ରାମ୍

# ହାତୀମାନଙ୍କୁ ରେଡ଼ିଓ କଲାର ବାନ୍ଧିବା ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୭/୦୨ ନ୍ୟୁଜ ବ୍ୟୁରୋ**

ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ଆରମ୍ଭ କରିଛି ସ୍ୱତନ୍ତ୍ର ପ୍ରୟାସ ଓ ଦୀର୍ଘ ଦିନ ବ୍ୟବଧାନ ପରେ ଚନ୍ଦକା ବନ ବିଭାଗ ତରଫରୁ ପୁଣି ଆରମ୍ଭ ହୋଇଛି ହାତୀମାନଙ୍କୁ ରେଡ଼ିଓ କଲାର ବାନ୍ଧିବା ପ୍ରକ୍ରିୟା । ଚନ୍ଦକା ଡିଏଫଓଙ୍କ ତତ୍ତ୍ୱାବଧାନରେରେ ଚନ୍ଦକା ଡିଭିଜନ ଷ୍ଟାଫ୍ ଏବଂ ନନ୍ଦନକାନନ ଟିମ୍ ଭରତପୁର ଜଙ୍ଗଲ ଭିତରେ ଉତ୍ପାତ ଚଳାଇଥିବା ଦନ୍ତା ହାତୀ ପଲଙ୍କ ଦେହରେ ପ୍ରଥମ ରେଡ଼ିଓ କଲାର ବନ୍ଧା ଯିବା ପାଇଁ ହୋଇଛି ନିଷ୍ପତ୍ତି । ସେଥିପାଇଁ ପ୍ରଥମେ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରାଯିବ ବୋଲି ଡିଏଫଓଙ୍କ ଠାରୁ ମିଳିଛି ସୂଚନା । ହାତୀ ବେକରେ ରେଡ଼ିଓ କଲାର ବନ୍ଧା ଗଲେ, ସାଟେଲାଇଟ୍ ଜରିଆରେ ହାତୀ କୁଆଡେ ଗଲେ ଆଗୁଆ ସୂଚନା ପାଇ ପାରିବ ବନ ବିଭାଗ । ଢେଙ୍କାନାଳ ଡିଭିଜନରୁ ରେଡ଼ିଓ କଲାର ଆସିଛି । ପୂର୍ବରୁ ରାମୁ ହାତୀକୁ ରେଡିଓ କଲାର ବାନ୍ଧିବା ପାଇଁ ପ୍ରୟାସ କରିଥିଲା ବନବିଭାଗ ।

# ବିପୁଳ ପରିମାଣର ହେରୋଇନ୍ ଜବତ: ଦୁଇ ଗିରଫ

**କଟକ, ୧୭/୦୨ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାଞ୍ଚଳ ଗୋଇନ୍ଦା ବିଭାଗ ଦ୍ୱାରା ମଙ୍ଗଳବାର ଏକ ବଡ଼ ଧରଣର ମାଦକ ଦ୍ରବ୍ୟ କାରବାରର ପର୍ଦ୍ଦାଫାଶ କରାଯାଇଛି। ଜଗତପୁର ଥାନା ଅନ୍ତର୍ଗତ ଜଗତପୁର ବ୍ୟାରେଜ୍ ଛକ ନିକଟରେ ଚଢ଼ଉ କରାଯାଇ ୧୦୪ ଗ୍ରାମ୍ ହେରୋଇନ୍ ଜବତ କରାଯିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୁପ୍ତ ସୂଚନା ଆଧାରରେ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜଗତପୁର ବ୍ୟାରେଜ୍ ଛକ ନିକଟରେ ଚଢ଼ଉ କରିଥିଲେ। ସେଠାରୁ ଦୁଇଜଣ ଯୁବକଙ୍କୁ ଅଟକ ରଖି ଯାଞ୍ଚ କରିବା ପରେ ସେମାନଙ୍କ ନିକଟରୁ ୧୦୪ ଗ୍ରାମ ହେରୋଇନ୍ ଓ ଏକ ହୋଣ୍ଡା ଆକ୍ଟିଭା ଗାଡ଼ି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦନ ଦାସ (୨୨) ଗ୍ରାମ-ବିନ୍ଧାଣିମା, ଥାନା- ତିଗିରିଆ, ବିକାଶ ମଲ୍ଲିକ (୨୩): ଗ୍ରାମ- ମହିଷାଲଣ୍ଡା, ଥାନା- ଚୌଦ୍ୱାର ଅଞ୍ଚଳର ଅଟନ୍ତି। ଜବତ ହୋଇଥିବା ୧୦୪ ଗ୍ରାମ୍ ହେରୋଇନର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦.୪ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଚଢ଼ଉରେ ଅବକାରୀ ଉପ-ନିରୀକ୍ଷକ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ ଏବଂ କନେଷ୍ଟବଳ ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରକାଶ କୁମାର ଶତପଥୀ ଓ ଅଶ୍ୱିନୀ କୁମାର ପରିଡ଼ା ସାମିଲ ଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଏନ୍‌ଡିପିଏସ୍ ଆକ୍ଟ, ୧୯୮୫ ଅନୁଯାୟୀ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।



# ଫଲ୍ସ ଇନ୍‌ସ୍ୟୁରାନ୍ସ ସାଙ୍ଘାତିକ ତଥ୍ୟ, କାମ କରୁଛି ସ୍ୱତନ୍ତ୍ର ର୍ୟାକେଟ୍

## କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ

**କଟକ, ୧୭/୦୨ ନ୍ୟୁଜ ବ୍ୟୁରୋ**

ଗୋଟିଏ ଗାଡ଼ି, କିନ୍ତୁ ଏକଦମ୍ ଅଲଗା ଅଲଗା ସ୍ଥାନରେ ହୋଇଥିବା ଦୁର୍ଘଟଣାରେ ସଂପୃକ୍ତ ଅଛି । ଇନସ୍ୟୁରାନ୍ସ ସହାୟତା ବା ବୀମା ଟଙ୍କା ପାଇବା ପାଇଁ ଏହିଭଳି ମିଛ ଦୁର୍ଘଟଣା ମାମଲା କରାଯାଉଛି । କେନ୍ଦ୍ରାପଡ଼ା ମହିପାଳ ଛକ ନିକଟରେ ହୋଇଥିବା ଦୁର୍ଘଟଣାର ଏସ୍‌ଆଇଟି ତଦନ୍ତ ପରେ ଏଭଳି ଜାଲିଆତିର ପର୍ଦ୍ଦାଫାସ୍ ହୋଇଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ସୁପ୍ରିମ୍‌କୋର୍ଟରେ ଦାଖଲ ସତ୍ୟପାଠରେ ଏଭଳି ସୂଚନା ଦିଆଯାଇଛି । ଗାଡ଼ି ଦୁର୍ଘଟଣାରେ ଇନ୍ସ୍ୟୁରାନ୍ସ କମ୍ପାନୀରୁ ସହାୟତା ରାଶି ହାତେଇବା ପାଇଁ କରାଯାଉଥିବା ଏଭଳି ମିଛ ଦୁର୍ଘଟଣା ମାମଲାରେ ଏକ ସ୍ୱତନ୍ତ୍ର ରାକେଟ୍ କାର୍ଯ୍ୟ କରୁଛି ବୋଲି ଓଡ଼ିଶାର ଆଡଭୋକେଟ୍ ଜେନେରାଲ ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ଅଦାଲତଙ୍କୁ ଅବଗତ କରିଥିଲେ । ଏଭଳି ମାମଲାରେ ଅନେକଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି । ଆଗକୁ ଆହୁରି ଗିରଫଦାରୀ ବଢ଼ିବ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁମତିକ୍ରମେ ଆଗକୁ ଏଥିରେ ସମ୍ପୃକ୍ତ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ଆଚାର୍ଯ୍ୟ ସୁପ୍ରିମ୍‌କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଜବାବ ପରେ ସୁପ୍ରିମ୍‌କୋର୍ଟ ଆଡଭୋକେଟ୍ ଜେନେରାଲଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଭଳି ଜାଲିଆତିର ପର୍ଦ୍ଦାଫାସ୍ ପାଇଁ ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ଆଚାର୍ଯ୍ୟ ନିଜଆଡୁ ଆଗ୍ରହ ଦେଖାଇ ପଦକ୍ଷେପ ନେଇଥିବାରୁ ସୁପ୍ରିମ୍‌କୋର୍ଟ ପ୍ରଶଂସା କରିଛନ୍ତି। ତେବେ ଏଭଳି କାର୍ଯ୍ୟକୁ ନେଇ ସୁପ୍ରିମ୍‌କୋର୍ଟ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି । ଏହି ଘଟଣା କେବଳ ଓଡ଼ିଶାରେ ସୀମିତ ନଥାଇ ପାରେ । ପରବର୍ତ୍ତୀ ଶୁଣାଣିରେ ଏହା ଉପରେ ବିସ୍ତୃତ ଶୁଣାଣି ହେବ ବୋଲି ଦ’ ଓରିଏଣ୍ଟାଲ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଆସାଉଦ୍ଦିନ୍ ଅମନୁଲ୍ଲା ଏବଂ ଜଷ୍ଟିସ୍ ପ୍ରସନ୍ନ ବି. ଭାରଲେଙ୍କୁନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ ତାରିଖକୁ ଧାର୍ଯ୍ୟ ହୋଇଛି । କେନ୍ଦ୍ରାପଡ଼ାର ମହିପାଳ ଛକ ନିକଟରେ ହୋଇଥିବା ଏକ ଦୁର୍ଘଟଣାରେ ଇନସ୍ୟୁରାନ୍ସ ସହାୟତା ଦାବି କରି ରୁଜୁ ମାମଲାରେ ବୀମା କମ୍ପାନୀକୁ ସନ୍ଦେହ ହୋଇଥିଲା । ଏନେଇ କମ୍ପାନୀ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ



ହୋଇଥିଲା । କମ୍ପାନୀର ଅଭିଯୋଗ ଥିଲା ଯେ, ବୀମା ଅର୍ଥ ହାତେଇବା ପାଇଁ ମିଛ ମାମଲା କରାଯାଉଛି । ଏହି ଘଟଣାରେ ସୁପ୍ରିମ୍‌କୋର୍ଟ କ୍ରାଇମ୍‌ବ୍ରାଞ୍ଚକୁ ଏସ୍‌ଆଇଟି ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏସ୍‌ଆଇଟି ପକ୍ଷରୁ ଗତ ୨୦୧୯ରୁ ୨୦୨୫ ମସିହା ପର୍ଯ୍ୟନ୍ତ ସାତ ବର୍ଷ ମଧ୍ୟରେ ଇନ୍‌ସ୍ୟୁରାନ୍ସ ସହାୟତା ରାଶି ପାଇଁ କରାଯାଇଥିବା ଦାବି ଉପରେ ସନ୍ଦେହ ହୋଇଥିବା ୧୦୪ଟି କେସ୍ ଉପରେ ତଦନ୍ତ କରାଯାଇଥିଲା । ଏଥିରୁ ୫ଟି କେସ୍ ଉପରେ ସାନି ତଦନ୍ତ ପାଇଁ କୁହାଯାଇଛି। ୨୫ଟି କେସ୍‌ର ପୁନର୍ବାର ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି । ୪୦ଟି କେସ୍‌ରେ ଏଫ୍‌ଆଇଆର୍ ରୁଜୁ ପାଇଁ କୁହାଯାଇଛି। ବାକି ୩୪ଟି କେସ୍‌ରେ ଇନସ୍ୟୁରାନ୍ସ କମ୍ପାନୀଗୁଡ଼ିକର ଅଭିଯୋଗ ପ୍ରମାଣିତ ହୋଇପାରିନି ବୋଲି କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ସତ୍ୟପାଠରେ ସୁପ୍ରିମ୍‌କୋର୍ଟଙ୍କୁ ଅବଗତ କରାଯାଇଥିଲା। ଏଥିରେ ଆହୁରି କୁହାଯାଇଥିଲା ଯେ, ଗୋଟେ ଗାଡ଼ି ଏକାଧିକ ଦୁର୍ଘଟଣାରେ ଥିବା ଦର୍ଶାଯାଉଛି। ଅର୍ଥାତ ସମାନ ନମ୍ବରଧାରି ଗାଡ଼ି ବିଭିନ୍ନ ଜାଗାରେ ଦୁଘଟଣା ଘଟାଉଛି । ଏନେଇ ତଦନ୍ତ ପରେ କଟକର ଜଣେ ଆଇନଜୀବୀ, ଜଣେ ଗାଡ଼ି ମାଲିକ, ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ଏହି ତଦନ୍ତ ଆଗକୁ ମଧ୍ୟ ଜାରି ରହିବ ବୋଲି କୁହାଯାଇଛି। କ୍ରାଇମ୍‌ବ୍ରାଞ୍ଚ୍ ଡିଜି ବିନୟତୋଷ ମିଶ୍ର ଏହି ସତ୍ୟପାଠ ଦାଖଲ କରିଛନ୍ତି ବୋଲି ସୂଚନା ମିଳିଛି।

NACO
OSACS
10001/62/2526

ସୁରକ୍ଷିତ ଜୀବନଯାପନ କରନ୍ତୁ,
ନିଜର ନିୟମିତ ଭାବରେ
ଏଚ୍.ଆଇ.ଭି. ପରୀକ୍ଷା କରାନ୍ତୁ ।




ଏଚ.ଆଇ.ଭି. ପରୀକ୍ଷା ହେଉଛି ଏକ ସରଳ ପରୀକ୍ଷା ।
ଏହା ସମ୍ପୂର୍ଣ୍ଣ ସୁରକ୍ଷାକେନ୍ଦ୍ରରେ ମାଗଣାରେ କରାଯାଏ ।
ଆପଣଙ୍କର ତଥ୍ୟ ଗୋପନୀୟ ରଖାଯାଏ ।

ଏଚ.ଆଇ.ଭି. ବିପଦ ୨ ରୁ ୧୦ ଗୁଣା ବୃଦ୍ଧି ପାଇଥାଏ,
ଯଦି ଜଣେ ଅସୁରକ୍ଷିତ ଯୌନ ସମ୍ପର୍କ ରଖେ,
ଏକରୁ ଅଧିକ ଯୌନସାଥୀ ରଖେ,
ବ୍ୟବହୃତ ଛୁଞ୍ଚି / ସିରିଞ୍ଜ
ସଂସ୍ପର୍ଶରେ ଆସିଥାଏ
କିମ୍ବା ବାରମ୍ବାର ଏସ୍.ଟି.ଆଇ. ସଂକ୍ରମିତ ହୁଏ ।

AIDS Helpline 1097
जानें समझें, जुग-जुग जीयें!
ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ।

ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ ।

Follow us on : BREAKFREE https://breakfreeindia.org

OIPR-10001/10060/2/25-26/0002